

# ଫଣି

ଠ/3
1.6.60

ଶ୍ରୀ ଅଚ୍ୟୁତାନନ୍ଦ ଦାସ

# ପଦୁଟିଏ

ବହି ଲେଖକ କାହିଁକି ଲେଖିଛି ? କିପ୍ରକାର ଲେଖକ, ସାହିତ୍ୟିକ ହିସାବରେ ପ୍ରତିଷ୍ଠା ଅଛି କି ନାହିଁ, ଏହା ବିଜ୍ଞ ପାଠକମାନେ ବହିର ଆଦର କରିଆନ୍ତୁ । ମାତ୍ର ଏଠାରେ କହି ରଖେଁ ଯେ, ମୁଁ ଜଣେ କବି କିମ୍ବା ସାହିତ୍ୟିକ ନୁହେଁ । ମୁଁ ଜଣେ ସାହିତ୍ୟ ପ୍ରେମୀ ମାତ୍ର, କିନ୍ତୁ ଜୀବନର କିଞ୍ଚିତ ସମୟ ସମାଜ ସେବାରେ କଟାଇଛି । ସେହି ସମୟ ମଧ୍ୟରେ ଆଖି ଆଗରେ ଯେଉଁ ସବୁ ବିଷୟ ବସ୍ତୁମାନ ପଡ଼ିଛି, ତାହାକୁହିଁ ଭିତ୍ତି କରି ମୋର "ଫନ୍ଦି"ଟି ରଚନା କରିପକାଇ ରଖିଥିଲି । ତାହା ପାଣ୍ଡୁଲିପି ଆକାରରେ ପଡ଼ିଥିବା ବେଳେ, ମୋର ଜଣେ ହିତାକାଂକ୍ଷି ବନ୍ଧୁ ଶ୍ରୀମାନ କାର୍ତ୍ତିକଚନ୍ଦ୍ର ପତି ଏହାକୁ ପଢ଼ି ମୁଦ୍ରଣ କରିବା ନିମନ୍ତେ ବହୁ ମତେ ସାହାଯ୍ୟ କରିଥିବାରୁ ଏହା ଆଜି ପୁସ୍ତକ ଆକାରରେ ବାହାରିବାର ସମ୍ଭବ ହେଲା । ତେଣୁ ତାହାଙ୍କ ଠାରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

ପାଣ୍ଡୁଲିପିଟି ମୋର ଜଣେ ବନ୍ଧୁ ଶ୍ରୀଯୁକ୍ତ ପ୍ରସନ୍ନକୁମାର ପାଲ ବ.ଏ.ଡ଼ି. ଇଡ଼. ଏମ୍. ଏଲ୍. ଏ. ପଢ଼ି ଏହାକୁ ମୁଦ୍ରଣ କରିବାକୁ ପ୍ରେରଣା ଦେବାରୁ, ମୁଦ୍ରଣ କରିବାକୁ ସାହସୀ ହେଲି ।

ମୋର ପାଣ୍ଡୁଲିପିଟି ପଢ଼ି ଶ୍ରୀମତୀ ରାଜଶ୍ରୀ ଦାସ ତାହାଙ୍କର ବହୁମୂଲ୍ୟ ସମୟ ଦେଇ ମତାମତ ଦେଇଥିବାରୁ ତାହାଙ୍କ ଠାରେ ମଧ୍ୟ ମୁଁ ଋଣୀ ।

ବହିଟିର କେତେକ ଦୋଷାଦୋଷ ସଂଶୋଧନ କରିବାକୁ ଅଧ୍ୟାପକ ବିକ୍ରମ ଯେନା ଉପଦେଶ ଦେଇଥିବାରୁ ତାହାଙ୍କ ଠାରେ ମଧ୍ୟ କୃତଜ୍ଞତା ଜଣାଉଛି ।

ସର୍ବଶେଷରେ ତରୁଣ ଖଲିକୋଟ କଲେଜର ସୂକ୍ଷ୍ମ କଳାଛାତ୍ର ଶ୍ରୀମାନ ନବକିଶୋର ମହାରଣା ବହିଟିର ସାରାଂଶ ଗ୍ରହଣ କରି ନିଜ ହାତରେ ଏହାର ଗୋଟିଏ ବ୍ଲକ ପ୍ରସ୍ତୁତ କରି ଦାନ କରିଥିବାରୁ ତାହାଙ୍କ ଠାରେ ମଧ୍ୟ ମୁଁ କୃତଜ୍ଞ ରହିଲି ।

ପାଠକ ମାନଙ୍କର ମନକୁ ଲାଗିଲା ଭଳି ମୋର ଏହି ଲେଖାଟି ହୋଇ ନ ପାରେ ବୋଲି ବହୁ ଚିନ୍ତା କରିଛି । ମାତ୍ର ବନ୍ଧୁମାନଙ୍କ ପ୍ରେରଣା ଯୋଗୁଁ ପାଠକମାନଙ୍କ ସମ୍ମୁଖରେ ବହିଟି ରଖିଲି । ଦୋଷାଦୋଷ କ୍ଷମା କରିବେ ।

ରଜସଂକ୍ରାନ୍ତି
ସନ ୧୩୬୭ ସାଲ

ଇତି
ଲେଖକ ।

# ମତାମତ

ଶ୍ରୀଯୁକ୍ତ ଅଚ୍ୟୁତାନନ୍ଦ ଦାସ ସାହିତ୍ୟିକ ନୁହନ୍ତି ବା ସାହିତ୍ୟିକ ହେବା ଆଶାରେ ସେ ଏହି ଲେଖା ଲେଖି ନାହାନ୍ତି । ସେ ଜଣେ ସମାଜସେବୀ ଓ ସମାଜର ସେବା କରିବାରେ ନିଜର ସମସ୍ତ କଟାଇ ଆସୁଛନ୍ତି । ତେଣୁ ତାଙ୍କର ଏହି ଲେଖାଟି ଜଣେ କଳ୍ପନାବିଳାସୀ ସାହିତ୍ୟିକର ଲେଖାନୁହେଁ---ଗୋଟିଏ ସତ୍ୟ ଘଟଣାକୁ କେନ୍ଦ୍ର କରି ନିଜ ଅଙ୍ଗେ ନିଭେଇଥିବା ବିଷୟ ବସ୍ତୁ ଉପରେ ତାହାଙ୍କର ଭାବନାକୁ ରୂପ ଦେଇଅଛନ୍ତି ସେ । ସତ୍ୟତା ଦୃଷ୍ଟିରୁ ପ୍ରବନ୍ଧର ମୂଲ୍ୟ ଯଥେଷ୍ଟ---ଏଥିପାଇଁ ଲେଖକ ଧନ୍ୟବାଦାର୍ହ---

ପ୍ରବନ୍ଧର ଚରିତ୍ର ଗୁଡ଼ିକ ପ୍ରାକୃତିକ---ଏମିତି ଘଟଣା ଆଜିକାଲି ସମାଜରେ ଅନେକ ଘଟୁଛି---ହୁଏତ ଯେଉଁମାନେ ଜାଣୁଛନ୍ତି ସେମାନେ ସତ୍ୟକୁ ରୂପ ଦେଉନାହାନ୍ତି । ଲେଖକ କେତୋଟି ଆଦିବାସୀ ଚରିତ୍ରକୁନେଇ ଯେଉଁ ଚିତ୍ର ଆଙ୍କିଛନ୍ତି ; ତାର ପ୍ରଭାବ ସମାଜ ଉପରେ ସୁସ୍ପଷ୍ଟ---ଏଥିରେ ସନ୍ଦେହର ଅବକାଶ ନାହିଁ---ସମାଜ ଉପରେ ସାହିତ୍ୟର ଯଦି କିଛି ପ୍ରଭାବ ପକାଇବାକୁ ହୁଏ ; ତେବେ ଏଇମିତି ସତ୍ୟ ଘଟଣାରୁ ହିଁ ସେହି ପ୍ରଭାବ ପଡ଼ିବା ଉଚିତ---ଯେଉଁ ଘଟଣା ନେଇ ଲେଖକଙ୍କର ଲେଖନୀ ଆଗେଇ ଚାଲିଛି ; ସେଇ ଲେଖନୀ ସତ୍ୟର ବାସ୍ତବତା ଉପରେ ବୈଶିଷ୍ଟ୍ୟପୂର୍ଣ୍ଣ ଭୂମିକାର ସୃଷ୍ଟି କରିବ ବୋଲି ଆଶାକରେ---ସମାଜର ଦୁର୍ନୀତିପୂର୍ଣ୍ଣ ଆବହାଓ୍ୱାର ପରିବର୍ତ୍ତନ ଆଣିବାକୁ ହେଲେ ଦେଶର ଲେଖକବର୍ଗ ବର୍ତ୍ତମାନର ନିଷ୍ପେଷିତ ସମାଜ ପ୍ରତି ଲକ୍ଷ୍ୟକରିବା ଉଚିତ---ଏ ଦିଗରେ ଲେଖକଙ୍କର ଅପ୍ରିୟ ସତ୍ୟର ବର୍ଣ୍ଣନା ଏକ ବଳିଷ୍ଠ ପଦକ୍ଷେପ ବୋଲି ପ୍ରକାଶ ନ କରି ରହିପାରୁନି---ପରିଶେଷରେ ଲେଖକଙ୍କୁ ଅନୁରୋଧ ଯେ ; ଭବିଷ୍ୟତରେ ତାଙ୍କର ଲେଖନୀରୁ ବଳିଷ୍ଠ ଓ ସମାଜ---ବିଶୋଧକ ସାହିତ୍ୟର ସୃଷ୍ଟି ହେଉ । ଇତି

ତା ୧୫-୩-୭୯ ରିଖ

**ଶ୍ରୀମତୀ ରାଜଶ୍ରୀ ଦାସ**
**କଟକ**

## ଏକ

ନେମୀ ଓ ପହ୍ଲି ଦୁଇଟି ଜୀବନ ସହରର ବହୁ ଦୂରରେ ଗୋଟିଏ ଅତିସୁନ୍ଦର କୁଡ଼ିଆ ଘରେ ସୁଖମୟ ଜୀବନ କାଟିବାରେ ବ୍ୟସ୍ତ । ଉଭୟେ ଯୌବନର ପ୍ରଥମ ସୋପାନରେ ପାଦ ଦେଇଅଛନ୍ତି । ତଥାପି ତାଙ୍କ ମନରେ ଦୁଃଖ ଯେ ଏହି କେତେ ବର୍ଷ ବିବାହିତ ଜୀବନ ମଧ୍ୟରେ ସେମାନଙ୍କ କୋଳରେ ଗୋଟେ "କାଁ" କରିବାକୁ ପିଲା ନାହିଁ ।

ପହ୍ଲିର ବାପା ଯେତେବେଳେ ପାହାଡ଼ିଆ ଅଞ୍ଚଳ ଛାଡ଼ି ଆସେ ଏହି ସମୁଦ୍ର ଉପକୂଳ ସ୍ଥାନକୁ, ସେତେବେଳେ ପହ୍ଲିର ବୟସ କେବଳ ତିନିବର୍ଷ ମାତ୍ର । ଯେପରି ବିପତ୍ନୀକ ପହ୍ଲି ବାପ ନିଜ ଅଞ୍ଚଳରେ ଜୀବନ କାଟିବାର ଉପାୟ ନ ଦେଖି, ପୁଅକୁ ସାଙ୍ଗରେ ନେଇ ଜମିଦାରବାବୁମାନଙ୍କ ଘରେ କାମ କରିବାକୁ ବାହାରି ଆସିଥିଲା ନିଜର ଜନ୍ମସ୍ଥାନ ଛାଡ଼ି, ସେହିପରି ନେମୀ ବାପ ଓ ତାର ମା ଦୁହେଁ ବିବାହ ପରେ ଛାଡ଼ି ଆସିଥିଲେ ଜଙ୍ଗଲ ଅଞ୍ଚଳ । ଉଦ୍ଦେଶ୍ୟ, ସମୁଦ୍ର କୂଳବର୍ତ୍ତୀ ଜମିମାଲିକମାନଙ୍କ ଜମିରେ ଖଟି ଦୁଇପଇସା ସଞ୍ଚୟ କରି ଦୁଇଖଣ୍ଡ ଲୁଗା ଓ ଦୁଇଖଣ୍ଡ କଂସା ଖରିଦ କରି ପୁନଶ୍ଚ ଫେରିଯିବା ପାଇଁ ନିଜ ଅଞ୍ଚଳକୁ ।

ପହଲି ବାପ ମଦନା, ପିଲାଟିକୁ ବର୍ଷାଦିନେ ପଖିଆ ଉପରେ ବସାଇ ଦେଇ କାମ କରେ ବିଲରେ । ସମୟ ପାଇଲେ ଦୁଇପଦ କଥା କହି ଆସେ ପୁଅକୁ । ଯେତେବେଳେ ମା' ଛେଉଣ୍ଡ ପହଲି କାନ୍ଦି ଉଠେ, ସେତେବେଳେ ତାର ବସାରୁ ଆଣିଥିବା ପତର ପୋଟଳା ଫିଟାଇ ଭାତ ଦୁଇଗଣ୍ଡା ଖୁଆଇ ଦିଏ ପୁଅକୁ ।

କେଦାରବାବୁ ଜମିଦାର । ବହୁତ ଜମିର ମାଲିକ । ଜମିଦାର ପାହାଡ଼ିଆ ଅଞ୍ଚଳରୁ ଆସି ବାବୁଙ୍କର କାମ କରିବା ପରିବାରଙ୍କ ପାଇଁ ଗୋଟିଏ ଗୋଟିଏ ପଲି ମାରି ଦେଇଥା'ନ୍ତି, କେଉଁ କ୍ଷେତରେ ଅବା ସେମାନେ ନିଜେ ଦୁଇଖଣ୍ଡି ବାଉଁଶ ପୋତି, କିଛି ଛଅଣ ଦେଇ ନିଜ ନିଜର ପଲି, ତିଆରି କରି ନିଅନ୍ତି । ନେମୀର ବାପ ଓ ମା, ମଧ୍ୟ ସେହି କେଦାରବାବୁଙ୍କ ପଲି ଘରେ ରହିଥାନ୍ତି । ଏହି ପରିବାରମାନଙ୍କ ମଧ୍ୟରେ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବ୍ୟକ୍ତିମାନଙ୍କ ଭଳି ମନୋମାଳିନ୍ୟ ଦେଖାଯାଏ ନାହିଁ । କାରଣ, ଏମାନଙ୍କର ଲକ୍ଷ୍ୟ, କାମ କରିବା ଓ ଦୁଇଓଳି ଦୁଇମୁଠା ଖାଇବା ।

ପହଲି ବାପା ମଦନା ମଧ୍ୟ ନିଜର ପିଲାଟିକୁ ଘେନି ନେମୀର ବାପ ମାଙ୍କ-ଠାରେ ଥାଏ । ଏକା ସାଙ୍ଗରେ କାମ କରିବାକୁ ବାହାରନ୍ତି, ଫେରିବାବେଳେ ଏକା ସାଙ୍ଗରେ ଫେରନ୍ତି କାମସାରି ।

ନେମୀ ଜନ୍ମ ହୋଇ ନ ଥାଏ । ତାର ମା' ଉହ୍ଲାସୀ କାମ ଉଠାଣି ପରେ ଆଗରେ ଧାଇଁ ଯାଇ ପହଲିକୁ ଟାଣିଆଣେ କୋଳକୁ । ନେମୀର ବାପା ସମୀରା, ପହଲି ବାପ ମଦନା, ସେମାନଙ୍କର ନେଇଥିବା କେନ୍ଦରା ଓ ବଂଶୀ ବଜାଇ ଚାଲନ୍ତି ବସା ଆଡ଼କୁ । ଉହ୍ଲାସୀ ପହଲିକୁ କୋଳରେ ଧରି ଆଗେଇ ଚାଲେ ।

ମଦନା, ସମୀରା ଉଭୟଙ୍କର ଚିନ୍ତା ଯେ ସେମାନେ କିପରି କିଛି ଜମି ନିଜ ହାତରେ କରିବେ ଓ ଗୋଟେ ଚାଷୀ ପରିବାର ହେବେ । କାରଣ ପର ଘରେ ଖଟି ଯେଉଁ ପଇସା ନେଉଛନ୍ତି ତାହା ତାଙ୍କର ମନର ବାସନା ପୂର୍ଣ୍ଣ କରି ପାରୁନାହିଁ ।

ଏହିପରି କିଛିଦିନ ଚାଲିଯାଇଛି । ମଦନା ବହୁଦିନ ହେଲା କିଛି ଦୂରରେ ଥିବା ଗୋଟେ ହେଁତାଳଜଙ୍ଗଲ ଦେଖି ଆସୁଛି । ତାହାକୁ କିପରି ଜମି କରାଯାଇ ପାରିବ, ଆଉ କି ଉପାୟରେ ତାହା ସେମାନଙ୍କ ହାତକୁ ଆସିବ ସେ ବିଷୟରେ ବହୁ ଚିନ୍ତା ସେ କରିଛି । ଦିନେ ମଦନା କାମରୁ ଫେରିଲା ବେଳେ ସମୀରିକୁ ଡାକି ଏହି ଜଙ୍ଗଲ ଦେଖାଇ ନିଜର ମନ କଥା ଖୋଲି କହିଲା । ତାର କହିବାର କଥା ଯେ ଯଦି ହେନ୍ତାଳ ଜଙ୍ଗଲ କଟା ଯାଏ ତାହାହେଲେ ବେଶ୍ ଜମି ହେବ ଓ ଶାକ, ସବଜି, ମଧ୍ୟ ହୋଇ ପାରିବ । ଏକଥା ଶୁଣି ସମୀରି କହିଲା "ଗରିବ ଆମେ, ଆମର ଜନ୍ମ ଖଟିବା, ଫଳ ଭୋଗ କରି ଭାଗ୍ୟବାନ ଲୋକଙ୍କର" । ସେଥିରେ ବାଧା ଦେଇ ମଦନା କହିଲା "ତାହା ନୁହେଁ, ନିଜର ଭାଗ୍ୟ ମଣିଷ ନିଜେ ମଧ୍ୟ ତିଆରି କରି ପାରେ । ପରିଶ୍ରମ କଲେ ଫଳ ମିଳିବ ନିଶ୍ଚୟ ।"

ଏତିକରେ କିଛିକ୍ଷଣ ଚୁପ ହେଲା ପରେ ମଦନା କହିଲା "ଜମିଦାର ବାବୁଙ୍କୁ ସାକ୍ଷାତ କରିବାକୁ ହେଲେ ଟଙ୍କା ଦେବାକୁ ହୁଏ ।" ଏକଥା ଜଣେ ଚକଦାରବାବୁଙ୍କଠାରୁ ଶୁଣିଛି ମୁଁ ।

ସେହିଦିନଠାରୁ ଜମି ଚିନ୍ତା ସମୀରି, ମଦନା, ମୁଣ୍ଡରେ ପଶିଲା । ବର୍ଷାଋତୁ ଶେଷ ପ୍ରାଏ । କେଉଁଦିନ ଅବା କେହି କାମକୁ ଡାକନ୍ତି ତ, କେଉଁ ଦିନ ଅବା ନାହିଁ । କିନ୍ତୁ ମଦନା ଯେଉଁ ଦିନ କାମ ନ ପାଏ, ସମୀରି କାମ ପାଇଲେ ମଧ୍ୟ ଯାଏ ନାହିଁ । ପନ୍ନଲି ପ୍ରତି ଉହ୍ଲାସୀର ସ୍ନେହ ଆଦର ଯେପରି, ମଦନାର ସମୀରି ପ୍ରତି ଅନୁରକ୍ତି ମଧ୍ୟ ସେହିପରି । କାମ ମିଳିଲେ ଦୁଇଜଣ ଏକାଠି କାମ କରିବାକୁ ଯା'ନ୍ତି । ଯାହା କାମ କରି ମଜୁରୀ ଆଣନ୍ତି ତାହା ଉହ୍ଲାସୀ ହାତରେ ଧରେଇ ଦିଅନ୍ତି । ଉହ୍ଲାସୀ ସବୁ ଚଳାଇ ନିଏ । ସୁଗୃହିଣୀର ପରିଚୟ ସେହିଠାରେ ମିଳେ, ଯେଉଁଠାରେ କି ସ୍ତ୍ରୀ ପୁରୁଷର ଆୟକୁ ଯଥୋଚିତ ବ୍ୟୟ କରି ସଂସାରକୁ ସୁଖିକରାଏ । ଯେଉଁ ଦିନ କାମ ନ ମିଳେ ମଦନା ସମୀରିକୁ ସାଙ୍ଗରେ ନେଇ ଚାଲେ ସେହି "ହେନ୍ତାଳ" ଜଙ୍ଗଲକୁ ଶୀକାର କରିବାକୁ । ଜଙ୍ଗଲଟି ଛୋଟ ନୁହେଁ । ଏହାର ଆଉ ଦୀର୍ଘ ପ୍ରାଏ ଶହେ ଏକରରୁ ଉର୍ଦ୍ଧ୍ୱ ହେବ, ସମୁଦ୍ର କୂଳ ପର୍ଯ୍ୟନ୍ତ ବ୍ୟାପି ରହିଛି । ଚକଦାର ବାବୁମାନଙ୍କର ଇଚ୍ଛା ଯେ ଏହି ଜଙ୍ଗଲଟାକୁ କାଟି ସଫା କରି

ପାରିଲେ ଭଲ ଜମି ହେବ । ମଦନା ସମୀରୀକୁ ଘେନି ଚାଲେ ସେହି ଜଙ୍ଗଲକୁ । ବସେ ସେହିଠାରେ ଓ ଭାବେ "ଯଦି ଏତିକି ଜମିରୁ ପାଞ୍ଚମାଣ ଜମି ଆମ୍ଭ ଦୁହିଁଙ୍କୁ ମିଳନ୍ତା, ଏକାବର୍ଷକରେ ତାହା ସଫା କରି ବନ୍ଧ ପକାଇ ଚାଷ କରି ଦିଅନ୍ତେ ।"

ସେହି ବଣରେ କେବେ କେବେ ସେ ଦୁହେଁ ବଡ଼ ବଡ଼ ବିଷଧର ସର୍ପ, ବାର୍ହା ଓ ଠେକୁଆମାନ ହାବୁଡ଼ରେ ପଡ଼ିଲେ, ତାହାଙ୍କର ଗାଇଁସୀ ତୀର ସାହାଯ୍ୟରେ ଶୀକାର କରି ସଂସାର ଚଳାନ୍ତି ।

## ଦୁଇ

ଏହିପରି କିଛିଦିନ ଗଲା । ଉହ୍ଲାସୀ ପହ୍ଲଲାକୁ ନିଜର ପୁତ୍ରବତ୍ ଦେଖୁଥାଏ । ଇତି ମଧ୍ୟରେ ଉହ୍ଲାସୀର ମଧ୍ୟଗର୍ଭ ଉଦୟ ହେଲା । ଶୀତଦିନ, ଧାନ କଟା ହେଉଥାଏ ଜମିଦାର ବିଲରେ । ମଦନା, ସମୀରୀ ଉଭୟେ ଭାରି କାମ କରନ୍ତି ଅନ୍ୟମାନଙ୍କଠାରୁ । ଧାନ କାଟି କାଟି ଯାଇ ହିଡ଼ ମୁଣ୍ଡରେ ବସିଥିବା ଜମିଦାର ଗୁମାସ୍ତାକୁ ନମସ୍କାର କଲେ ।

ମଦନା କହିଲା—"ହ-ଜୁ-ର ମା, ବାପ, ଗୋଟେ କଥା କହନ୍ତି ।" ଗୁମାସ୍ତାବାବୁ ଧୀର ଓ ନମ୍ର ଭାବରେ କହିଲେ "କି"ବେ, କହୁ'ନୁ କି କଥା କହିବୁ ? ମଦନା ଆସ୍ତେ ଛେପ ଢୋକି ଆରମ୍ଭ କଲା, "ଆଜ୍ଞା, କହୁଥିଲି କି,·····—ଏ ଗରୀବ ଚାକରକୁ ଯଦି କିଛି ଜମି ସେହି ସାମନା ଜଙ୍ଗଲରୁ କାଟିବାକୁ ଅନୁମତି କରନ୍ତେ, ଏ ହଜୁରଙ୍କର ଚାକର ହୋଇ ରୁହନ୍ତି ।"

ଗୁମାସ୍ତା—ଆଁ'ବେ କିଛୁ କାହିଁକି ଯେତେଇଚ୍ଛା ସେତେ କରି ଦେବ। ସେହି ଜଙ୍ଗଲକୁ ବଡ଼ ବଡ଼ ଟଙ୍କଦାରବାବୁମାନେ ପଇସା ଖର୍ଚ୍ଚ ଡରରେ ହାଣି ନ ପାରିବେ ବୋଲି ପଞ୍ଚା ଦେଉ ନାହାନ୍ତି, ତୁମେ ଯଦି ପାରିବ ତାହା ହେଲେ ଅନୁମତି କରାଇ ଦେବି —ପାରିବ ଜଙ୍ଗଲ କାଟି ? ସମୀରା କହିଲା "ଏ ଦେଶରେ ଯେତେ ଜମି ଜଙ୍ଗଲ କଟା ହୋଇ ପ୍ରସ୍ତୁତ ହୋଇଛୁ ବାବୁ, ଆମରି ଭଳି ଲୋକମାନେହିଁ କାଟିଛନ୍ତି । ଆମେ କ'ଣ ପାରିବୁ ନାହୁଁ ?"

ମଦନା ସଙ୍ଗେ ସଙ୍ଗେ ଆଉ ଟିକିଏ ଆଗକୁ ଯାଇ କହିଲା— "ଆଜ୍ଞା ହୁଜୁର ! ଖୁବ୍ ପାରିବା, ଦେହରେ ବଳଅଛି, ଗଛ, ପାହାଡ଼, ମାଟି ସାଥିରେ ଲଢ଼େଇ କରିବା ହେଲା ଆମ କାମ । ଇଏ ଅବା କଉଁ କଥା ? ଦୁଇଗ୍ଗୁର କୋଡ଼ି ହେନ୍ତାଲ କୁଣିରି ଗଛ, ଆଉ ଲୁଣା ଜଳ, ଏହା ସହିତ ଲଢ଼ି ପାରିବୁ ନାହିଁ ?"

ବାବୁ ତୋର ଚିରଦିନ ଖଟଣି ହୋଇ ରହିବୁଁ । ତୁ, ଆମକୁ ଏତିକି କରାଇଦେ ।"

ଗୁମାସ୍ତା ଦେଖିଲା ଏହି ଜମିଲାଗି ଦୁଇ ଜଣଙ୍କର ଅତି ପ୍ରବଳ ଇଚ୍ଛା ଜମି ଭାଙ୍ଗିବାକୁ । ତେବେ ଏକଥାଟା ନିର୍ଭର କରୁଚି ନାଏବବାବୁଙ୍କର ଯିବା ଆସିବାରେ ପାଲିଙ୍କି ବାହକର ଅଭାବ, ତେଣୁ ଏମାନଙ୍କ ଉପରୁ । ସେ ଫାଇଦାଟା ଉଠାଯାଇ ପାରେ । ଏକଥା ମନରେ ରଖି କହି ବସିଲେ ନାଏବବାବୁ ଯେ ଆଜଠାରୁ ଦଶଦିନ ମଧ୍ୟରେ ଏହିଠାକୁ ଗସ୍ତରେ ଆସିବେ ପାଲିଙ୍କି ନେଇ ନଦୀ ଘାଟଠାରୁ ଏଠାକୁ ତାହାଙ୍କୁ ଘେନି ଆସିବାକୁ । ପୁଣି ଆଶା ଦେଇ ରଖିଲେ ଯେ, ନାଏବବାବୁ ଆସିଲେ ଜମି ନଷ୍ଟସ୍ତ କରାଇ ଦେବେ ବୋଲି ।

ଏକଥା ଶୁଣି ମଦନା, ସମୀରା, ମହାଆନନ୍ଦରେ ଦୁଇଗୁଣ ବେଗରେ କାମ କଲେ ଜମିରେ । କାମ ଉଠାଣିବେଳେ ଦୁଇଜଣ ପୁଣି ଥରେ ସାଷ୍ଟାଙ୍ଗ ପ୍ରଣିପାତ କରି ବାହୁଡ଼ିଲେ ନିଜ ବସାକୁ । ବାହୁଡ଼ିଲା ବେଳେ ସେମାନଙ୍କର ଗୁହଁରୁ ଜଣା ଯାଉଥିଲା ଯେପରି କି ସେ ଦୁହେଁ ବହୁଦିନର ଇପ୍ସିତ ଧନ ପାଇଛନ୍ତି । ବସାରେ ପହଞ୍ଚିଲାକ୍ଷଣି ଉଲ୍ଲାସୀ ଆଣି ଥୋଇଦେଲା ଦୁଇଜଣଙ୍କ

ଆଗରେ ଦୁଇବେଲା ଡୋଡିଶି । ଦୁଇ ଜଣ ଯାକ ଢୋକ ଢୋକକରି ପିଇଦେଲେ ତୋରାଣି ସେତକ । ତୋରାଣି ପିଆ ସରୁ ନ ସରୁଣୁ ସମୀର କହି ବସିଲା "ଆଲୋ ଉହ୍ଲାସୀ ! ତୁ, ଆମ ସାଥିରେ ମିଶି ଜଙ୍ଗଲ କାଟି ପାରିବୁ ?— ଆମେଦୁହେଁ ନିଷ୍ଚୟ ଜଙ୍ଗଲ କାଟି ଜମି କରିବା ।"

ଉହ୍ଲାସୀ ଟେରେଇ ହୋଇ କହିଲା "କ'ଣ ଗୋଟେ କହୁଛମ ? ନିଶା କିଛି ଖାଇ ଆସିଛକି ?" ମଦନା କହିଲା "ନାହିଁ, ନାହିଁ, ସତକଥା, ନାଏବବାବୁ ଦଶଦିନ ପରେ ଆସିଲେ ଆମକୁ ଜଙ୍ଗଲ କାଟିବାକୁ ଅନୁମତି ଦେବେ । ଆଉ ଆମେ ଅନୁମତି ପାଇଲେ ଜଙ୍ଗଲ କାଟି, ସେଠି ଜମି ତିଆରି କରିବୁଁ ।"

ଦଶଦିନ ପୂରିଲା । ମଦନା ସମୀର ଆଉ କିଛି ନ ବୁଝିକି କଚେରୀ ଘରଠାରୁ ପାଲିଙ୍କି ବାହାର କରି କାନ୍ଧରେ ପକାଇ, ବାହାରି ପଡ଼ିଲେ ନଦୀ ଘାଟକୁ ନାଏବବାବୁଙ୍କୁ ଆଣିବା ଉଦ୍ଦେଶ୍ୟରେ ।

ନଦୀଘାଟ କଚେରୀ ଘରଠାକୁ ପାଞ୍ଚକୋଶ ବାଟ । ଦିନ ଘଡ଼ିଏ ବେଳକୁ ପହଞ୍ଚିଗଲେ ନଦୀଘାଟରେ । ନାଏବବାବୁ ପାଲିଙ୍କି ଅପେକ୍ଷାରେ ଥିଲେ ସେଠାରେ । ଆରାମରେ ବାବୁ ବସିବାରୁ, ମଦନା, ସମୀର କାନ୍ଧରେ ପାଲିଙ୍କି ପକାଇ ଧାଇଁଲେ କଚେରୀ ଘରଠାକୁ । କେଉଁଠାରେ ଥକା ନ ନେଇ ଏକ ନିଶ୍ୱାସରେ ଯେମିତି ଆସିଲେ କଚେରୀ ଘରଠାକୁ, ପାଲିଙ୍କି ସେଠି ରଖିଦେଇ ଦୁଇ ଜଣ ଯାକ ନିଜ ନିଜର ଛିଣ୍ଡା ଗାମୁଛାରେ ଦେହରୁ ଝାଳ ପୋଛି ହୋଇ ଥକା ମାରି ବସି ଗଲେ ଦଣ୍ଡେ । ଗୁମାସ୍ତାଙ୍କ କୁହାଡକ ଉଭୟେ ଗୋଟେ ଗୋଟେ ଦଣ୍ଡବତ ନାଏବବାବୁଙ୍କୁ ପକାଇଲେ । ପୁଣି କିଛିକ୍ଷଣ ବସି ଗୁମାସ୍ତାଙ୍କୁ ମଦନା କହିଲା "ବାବୁ ! ହୁକୁମ ମିଳିବ ।" ଗୁମାସ୍ତା— ନାହିଁବେ ! —ଜମି ନେବାକୁ ହେଲେ କିଛି କିଛି ସଲାମୀ ଦେବାକୁ ହୁଏ । କିଛି ଯୋଗାଡ଼ କରିଛ ?

ଏକଥା ଶୁଣି ଦୁଇଜଣଙ୍କର ମୁହଁ ଫିକା ପଡ଼ିଗଲା । ମଦନା ଗୁନ ଗୁନ ସମୀର କାନରେ କ'ଣ କହିବାରୁ ସମୀର 'ହଁ'ଟିଏ ମାରିଲା ଓ ସଙ୍ଗେ ସଙ୍ଗେ ବିରସ ମନରେ ଫେରିଗଲେ ନିଜ ଘରଠାକୁ ।

—ଛଅ—

ଏଣେ ମନରେ ଆନନ୍ଦ ନାହିଁ, ତେଣେ ପାଞ୍ଚକୋଶ ବାଟ ଧାଇଁ ଆସିଛନ୍ତି, ପୁଣି ସଲମୀ ଟଙ୍କା କଥା ଶୁଣି ସମସ୍ତ ଆଶା ଭାଙ୍ଗିଯିବା ଉପରେ। ଉହ୍ଲାସୀ କେବେହେଁ ସେମାନଙ୍କୁ ଏପରି ଅବସ୍ଥାରେ ଦେଖି ନ ଥିଲା। ହଠାତ୍ ଏ ଅବସ୍ଥା ଦେଖି ଘଟଣା କ'ଣ ଅନୁସନ୍ଧାନ କରିବାରୁ ମଦନା ଧିରେ ଧିରେ ସବୁ କହିଗଲା। ଶେଷରେ ସଲମୀ ଟଙ୍କା କଥା କହି ଅକାମାରି ବସିଗଲା।

ଉହ୍ଲାସୀ ଘରଚଳେଇବା କଥା ପାଠକେ ପୂର୍ବରୁ ପଢ଼ିଚନ୍ତି। ଦୁଇ ସେର ଗୁଣ୍ଡଲରେ ତିନ ପ୍ରାଣୀଙ୍କର ଚଳିଯାଏ, ଆଉ ତା ସାଙ୍ଗକୁ ଟୋପାଏ ଲୁଣ। ନିଶାଦ୍ରବ୍ୟ ଲୁହନ୍ତି, ବିଳାସ ଦ୍ରବ୍ୟ ଲୁହନ୍ତି, ନରୁବା ବ୍ୟବହାର୍ଯ୍ୟ ଦ୍ରବ୍ୟ ଲୁହନ୍ତି, ଏସବୁ ମଧ୍ୟରେ ଦୋକାନ କିଛି ଦରକାର ହୁଏ। ଏହା ବ୍ୟତୀତ ସେମାନଙ୍କର ଖରଚ ଆଉ କିଛି ନ ଥାଏ। ଯାହା ଗୁରିଅଣା ବଞ୍ଚେ ପୁଞ୍ଜିଭଳି ଥାଏ ଉହ୍ଲାସୀ ହାତରେ, ତାର କମରରେ ବନ୍ଧା ହୋଇଥିବା ଗାଣ୍ଠିଆରେ।

ଉହ୍ଲାସୀ ହସିଦେଇ କହିଲା "ଏଇଥି ପାଇଁ ଏତେ ଭାବନା ?" ମୋଠି ଅନେକ ଟଙ୍କା ଅଛି। ଏତିକ କହି ଦୁଇ ହାତରେ ନିଜ କମରରୁ ଗାଣ୍ଠିଆଟିକୁ ଖୋଲି ଥୋଇଦେଲା ସେମାନଙ୍କ ସାମନାରେ। ଏକଥା ଦେଖି ମଦନା, ସମୀରାର ଆନନ୍ଦ ଆକାଶ ଛୁଇଁଲା। ସେ ଗାଣ୍ଠିଆରୁ ପଇସାତକ ବାହାର କରି ଦୁହେଁ ସବୁ ଗଣିଲେ। ମୋଟରେ ଥିଲା ତେରଟଙ୍କା ଗୁରିଅଣା। ସେଥିରୁ ଦୁଇଟଙ୍କା ଗୁରିଅଣା ଉହ୍ଲାସୀ ହାତକୁ ବଢାଇ ଦେଇ, ବାକୀ ଏଗାରଟି ଟଙ୍କା ସମୀରା ଖୋସିଲା ନିଜ ଅଣ୍ଟାରେ। ଆଉ କାଲି ବିଳମ୍ବ ନକରି ଠିଏଁ ଠିଏଁ ବାହାରି ପଡ଼ିଲେ ଆଗପଛ ହୋଇ ଅନୁମତି ନେବା ଆଶାରେ।

ଆଗରେ ଦୁଇବେଲା ତୋଡ଼ଣି । ଦୁଇ ଜଣ ଯାକ ଘୋଟ ଘୋଟକରି ପିଇଦେଲେ ତୋଡ଼ାଣି ସେତକ । ତୋଡ଼ାଣି ପିଆ ସରୁ ନ ସରୁଣୁ ସମୀର୍ କହି ବସିଲା "ଆଲେ ଉହ୍ଲାସୀ ! ତୁ, ଆମ ସାଥିରେ ମିଶି ଜଙ୍ଗଲ କାଟି ପାରିବୁ ?— ଆମେଦୁହେଁ ନିଶ୍ଚୟ ଜଙ୍ଗଲ କାଟି ଜମି କରିବା ।"

ଉହ୍ଲାସୀ ଗେହ୍ଲେଇ ହୋଇ କହିଲା "କ'ଣ ଗୋଟେ କହୁଛମ ? ନିଶା କିଛି ଖାଇ ଆସିଛକି ?" ମଦନା କହିଲା "ନାହିଁ, ନାହିଁ, ସତକଥା, ନାଏବବାବୁ ଦଶଦିନ ପରେ ଆସିଲେ ଆମକୁ ଜଙ୍ଗଲ କାଟିବାକୁ ଅନୁମତି ଦେବେ । ଆଉ ଆମେ ଅନୁମତି ପାଇଲେ ଜଙ୍ଗଲ କାଟି, ସେଠି ଜମି ତିଆରି କରିବୁଁ ।"

ଦଶଦିନ ପୁରିଲା । ମଦନା ସମୀର୍ ଆଉ କିଛି ନ ବିଚାରି କଚେରି ଘରଠାରୁ ପାଲିଙ୍କି ବାହାର କରି କାନ୍ଧରେ ପକାଇ, ବାହାରି ପଡ଼ିଲେ ନଦୀ ଘାଟକୁ ନାଏବବାବୁଙ୍କୁ ଆଣିବା ଉଦ୍ଦେଶ୍ୟରେ ।

ନଦୀଘାଟ କଚେରି ଘରଠାରୁ ପାଞ୍ଚକୋଶ ବାଟ । ଦିନ ଘଡ଼ିଏ ବେଳକୁ ପହଞ୍ଚିଗଲେ ନଦୀଘାଟରେ । ନାଏବବାବୁ ପାଲିଙ୍କି ଅପେକ୍ଷାରେ ଥିଲେ ସେଠାରେ । ଆରାମରେ ବାବୁ ବସିବାରୁ, ମଦନା, ସମୀର୍ କାନ୍ଧରେ ପାଲିଙ୍କି ପକାଇ ଧାଇଁଲେ କଚେରି ଘରଠାକୁ । କେଉଁଠାରେ ଥକା ନ ନେଇ ଏକ ନିଶ୍ୱାସରେ ଯେମିତି ଆସିଲେ କଚେରି ଘରଠାକୁ, ପାଲିଙ୍କି ସେଠି ରଖିଦେଇ ଦୁଇ ଜଣ ଯାକ ନିଜ ନିଜର ଛିଣ୍ଡା ଗାମୁଛାରେ ଦେହରୁ ଝାଳ ପୋଛି ହୋଇ ଥକା ମାରି ବସି ଗଲେ ଦଣ୍ଡେ । ଗୁମାସ୍ତାଙ୍କ କୁହାତକ ଉଭୟେ ଗୋଟେ ଗୋଟେ ଦଣ୍ଡବତ ନାଏବବାବୁଙ୍କୁ ପକାଇଲେ । ପୁଣି କିଛିକ୍ଷଣ ବସି ଗୁମାସ୍ତାକୁ ମଦନା କହିଲା "ବାବୁ ! ହୁକୁମ ମିଳିବ ।" ଗୁମାସ୍ତା— ନାହିଁବେ ! —ଜମି ନେବାକୁ ହେଲେ କିଛି କିଛି ସଲାମୀ ଦେବାକୁ ହୁଏ । କିଛି ଯୋଗାଡ଼ କରିଛ ?

ଏକଥା ଶୁଣି ଦୁଇଜଣଙ୍କର ମୁହଁ ଫିକା ପଡ଼ିଗଲା । ମଦନା ଗୁନ ଗୁନ ସମୀର୍ କାନରେ କ'ଣ କହିବାରୁ ସମୀର୍ 'ହଁ'ଟିଏ ମାରିଲା ଓ ସଙ୍ଗେ ସଙ୍ଗେ ବିରସ ମନରେ ଫେରିଗଲେ ନିଜ ଘରଠାକୁ ।

—ଛଅ—

ଏଣେ ମନରେ ଆନନ୍ଦ ନାହିଁ, ତେଣେ ପାଞ୍ଚକୋଶ ବାଟ ଧାଇଁ ଆସିଛନ୍ତି, ପୁଣି ସଲମୀ ଟଙ୍କା କଥା ଶୁଣି ସମସ୍ତ ଆଶା ଭାଙ୍ଗି ଯିବା ଉପକ୍ରମ। ଉହ୍ଲାସୀ କେବେହେଁ ସେମାନଙ୍କୁ ଏପରି ଅବସ୍ଥାରେ ଦେଖି ନ ଥିଲା । ହଠାତ୍ ଏ ଅବସ୍ଥା ଦେଖି ଘଟଣା କ'ଣ ଅନୁସନ୍ଧାନ କରିବାରୁ ମଦନା ଧିରେ ଧିରେ ସବୁ କହିଗଲା । ଶେଷରେ ସଲମୀ ଟଙ୍କା କଥା କହି ଥକାମାରି ବସିଗଲା ।

ଉହ୍ଲାସୀ ଘରଚଳେଇବା କଥା ପାଠକେ ପୂର୍ବରୁ ପଢ଼ିଚନ୍ତି । ଦୁଇ ସେର ଗୁଡ଼ଲରେ ତିନ ପ୍ରାଣୀଙ୍କର ଚଳିଯାଏ, ଆଉ ତା ସାଙ୍ଗକୁ ଟୋପାଏ ଲୁଣ । ନିଶାଦ୍ରବ୍ୟ ଲୁହନ୍ତି, ବିଳାସ ଦ୍ରବ୍ୟ କୁହନ୍ତି, ନଚୁବା ବ୍ୟବହାର୍ଯ୍ୟ ଦ୍ରବ୍ୟ କୁହନ୍ତି, ଏସବୁ ମଧ୍ୟରେ ଦୋକ୍ତା କିଛି ଦରକାର ହୁଏ । ଏହା ବ୍ୟତୀତ ସେମାନଙ୍କର ଖରଚ ଆଉ କିଛି ନ ଥାଏ । ଯାହା ଚାରିଅଣା ବଞ୍ଚେ ପୁଞ୍ଜି ଭଳି ଥାଏ ଉହ୍ଲାସୀ ହାତରେ, ତାର କମରରେ ବନ୍ଧା ହୋଇଥିବା ଗାଣ୍ଠିଆରେ ।

ଉହ୍ଲାସୀ ହସିଦେଇ କହିଲା "ଏଇଥି ପାଇଁ ଏତେ ଭାବନା ?" ମୋଠି ଅନେକ ଟଙ୍କା ଅଛି । ଏତକ କହି ଦୁଇ ହାତରେ ନିଜ କମରରୁ ଗାଣ୍ଠିଆଟିକୁ ଖୋଲି ଥୋଇଦେଲା ସେମାନଙ୍କ ସାମନାରେ । ଏକଥା ଦେଖି ମଦନା, ସମୀରାର ଆନନ୍ଦ ଆକାଶ ଛୁଇଁଲା । ସେ ଗାଣ୍ଠିଆରୁ ପଇସାତକ ବାହାର କରି ଦୁହେଁ ସବୁ ଗଣିଲେ । ମୋଟରେ ଥିଲା ତେରଟଙ୍କା ଚାରିଅଣା । ସେଥିରୁ ଦୁଇଟଙ୍କା ଚାରିଅଣା ଉହ୍ଲାସୀ ହାତକୁ ବଢାଇ ଦେଇ, ବାକୀ ଏଗାରଟି ଟଙ୍କା ସମୀରା ଖୋସିଲା ନିଜ ଅଣ୍ଟାରେ । ଆଉ କାଲି ବିଳମ୍ବ ନକରି ଠିଁ ଠିଏଁ ବାହାରି ପଡ଼ିଲେ ଆଗପଛ ହୋଇ ଆନୁମତି ନେବା ଆଶାରେ ।

# ତିନି

ନାଏବବାବୁଙ୍କର କଚରୀ ଲାଗି ଗଲାଣି । ଚାରିଆଡ଼ୁ ଭିଡ଼ । ନାଏବବାବୁଙ୍କ ବସିବା ସ୍ଥାନ ଆଗରେ ଗୋଟେ ଥାଳି ବସିଛି । ଯିଏ ଯାଉଛି ଆଗେ ପ୍ରଣାମ କରିବା ପୂର୍ବରୁ ଝଁମଝାମ କରି ଥାଳିରେ ଠାକୁର ପ୍ରଣାମ କରିବା ବେଳେ ଯେପରି ଭକ୍ତମାନେ ଠାକୁର ଥାଳିରେ ଦର୍ଶନ କରି ପ୍ରଣାମି ଦିଅନ୍ତି ସେହି ପରି ଥୋଇ ଦେଉଛନ୍ତି । ଟଙ୍କା ଥୋଇଲା ବେଳେ ବାହାରକୁ ସେହି ମଧୁର ଝଁମଝାମ ଶବ୍ଦ ଶୁଣା ଯାଉଥାଏ । ଏହି ଭଳି ଭିଡ଼ ଲାଗିଥାଏ ସଞ୍ଜବେଳ ଯାକେ । ପ୍ରଜା ପାଠକଙ୍କର ହାରି ଗୁହାରି ମଧ୍ୟ ଶୁଣାଣି ଚାଲିଥାଏ ।

ବେଳ ବୁଡ଼ୁବୁଡ଼ୁ ପ୍ରାୟ । ଏ ଦୁଇଟି ପ୍ରାଣୀ ଚୁପଚାପ ହୋଇ ବସିଥାନ୍ତି କଚରୀଘର ଦାଣ୍ଡପିଣ୍ଡା ତଳେ । ସେମାନଙ୍କ ଉପରେ କାହାରି ନଜର ନାହିଁ । କେବଳ ମଦନା ସମୀରିର ଭାବନା ଯେ କିପରି ଅନୁମତି ମିଳିବ ଜଙ୍ଗଲ କାଟିବାକୁ ।

ଏତିକି ବେଳେ ଗୁମାସ୍ତାବାବୁ ଡାକ ଦେଇ ଜଣେଇ ଦେଲେ ଯେ, ନାଏବବାବୁ ଯିବେ ପୋଖରୀ ପାଣି । ଭିଡ଼ ଭାଙ୍ଗ ବୋଲି କହିଲା କ୍ଷଣି, ଚାଟିଆ ପାଇକମାନେ "ଭିଡ ଭାଙ୍ଗ, ଭିଡ଼ ଭାଙ୍ଗ" କହି ବାହାର କରି ଦେଲେ ପ୍ରଜାମାନଙ୍କୁ ।

ନାଏବବାବୁ ନଜର ପାଚଳା ଗାମୁଛା ବଦଳାଇ ଆସିଛନ୍ତି ତା ହେଲେ ଦାଣ୍ଡ ପିଣ୍ଡା ଉପରେ ହାତରେ ଟେଳାଏ ଗୁଡ଼ାଖୁ । ହଠାତ୍ ଦୃଷ୍ଟି ପଡ଼ିଗଲା ପିଣ୍ଡାତଳକୁ । ଦେଖିଲେ ଯେ ଯେଉଁ ଦୁଇଜଣ ତାହାଙ୍କୁ ବୋହି ନେଇ ଆସିଥିଲେ ନଦୀଘାଟ ଠାରୁ, ସେହି ଦୁଇଜଣ ଜୁଆଣ ଆଦିବାସୀ ବସିଛନ୍ତି ସଙ୍କୋଚ ହୋଇ । ବାବୁ ପଚାରିଲେ "କରେ; ତୁମେ ଦୁହେଁ କିଆଁ ବସିଛ ?" । ଏତକ ଶୁଣିବା କ୍ଷଣି ଦୁଇଜଣ ଯାକ ବସିଥିବା ସ୍ଥାନରେ ଲମ୍ବ ଲମ୍ବ ହୋଇ ପଡ଼ିଗଲେ ବାବୁଙ୍କୁ ପ୍ରଣାମ କରିବା ଉଦ୍ଦେଶ୍ୟରେ । "ଉଠ, ଉଠ" କହି ବାବୁ ଗୁମାସ୍ତାଙ୍କୁ ଡାକ ଦେଲେ । ମଦନା ଟିକିଏ ଆଗକୁ ଚାଲିଯାଇ ଉହ୍ଲାସୀ ଠାରୁ ଆଣିଥିବା ଟଙ୍କା ଗୁଡ଼ିକ ବାବୁଙ୍କ ଗୋଡ ତଳେ ଥୋଇ ଦେଲା । ନାଏବବାବୁ ପଚାରିଲେ "କଥା କ'ଣ" ? । ମଦନା କହିଲା "ବାବୁ !—ଆମେ—ଜଙ୍ଗଲ......କାଟିବା, ହୁକୁମ ମିଳୁ ।"

ନାଏବବାବୁ ଠିକ ନ ବୁଝି ପାରି ଫେରି ଚାହିଁଲେ ଗୁମସ୍ତାଙ୍କୁ । ଗୁମାସ୍ତା କହି ପକାଇଲେ" ଇବେ ! ଟଙ୍କା କାହିଁ ? ତୁଛାଟାରେ ବସିଛ କାହିଁକି ?" । ଏତକ କହିବା ମାତ୍ରେ ସମୀର ଦେଖାଇ ଦେଲା ନାଏବ ବାବୁଙ୍କ ଗୋଡ଼ ପାଖରେ ଥୁଆ ହୋଇଥିବା ଟଙ୍କାକୁ ।

ନାଏବବାବୁଙ୍କୁ ଏହାର ରହସ୍ୟ ବୁଝିବାକୁ ବେଶି ସମୟ ଲାଗିଲାନାହିଁ । ନାଏବବାବୁଙ୍କ କଥା ଅନୁସାରେ, ଗୁମାସ୍ତା ଟଙ୍କାତକ ଉଠାଇ ନେଇ ରଖିଦେଲା ଥାଳରେ । ଗୁମାସ୍ତା ନଜର ବାହାଦୁରି ଦେଖାଇ କହିଲା "ଆରେ ! ତୁମଠାରୁ ବଡ଼ ବଡ଼ ଚାଷୀ, ଚକଦାର, ମେଦନପୁରିଆ ଲୋକେ, ଯେ ମାନେକ ବାଲେଶ୍ୱରରେ ସମୁଦ୍ର ଉପକୂଳବର୍ତ୍ତୀ ଜଙ୍ଗଲକୁ କାଟାଇ ଜମିରେ ପରିଣତ କରିଛନ୍ତି, ସେମାନେ ଆସି ଜଙ୍ଗଲ ଦେଖି ପଶିବାକୁ ଭୟ କରି ଫେରି ଗଲେ, ଆଉ—ତୁମେ ଦୁହେଁ କେଉଁ ସାହସରେ ଜମି ଭାଙ୍ଗିବ କହୁଛ ?"

ଏହାଶୁଣି ମଦନା କହିଲା "ବାବୁ ! ଏ ହାତରେ ବହୁତ ଜଙ୍ଗଲ ଭାଙ୍ଗିଛୁ, ହୁକୁମ ମିଳିଲେ ଆସନ୍ତା ବର୍ଷ ଏହି ବନକୁ ଦେଖିବେ— କ'ଣ ହୋଇଛି ।"

ନାଏବବାବୁଙ୍କର ଇଚ୍ଛା ଥିଲା ଯେ, ଏତକ ଗହଳ ଜଙ୍ଗଲ ଯଦି କଟାଯାଇ ପାରେ, ଜମିଦାର ଘରକୁ କଚ୍ଛ ଟଙ୍କା ଯାଉ କମ୍ବା ନ ଯାଉ, ନାଏବ ବାବୁଙ୍କର କମରକୁ ଦୁଇ ତନ ହଜାର ଟଙ୍କା ନିଶ୍ଚୟ ଆସିବ ।

ତେଣୁ କହିପକାଇଲେ "ଇରେ ! ଏତିକ ଟଙ୍କାରେ ହବ ନାହିଁ" ପ୍ରତି ମାଣ ଅଠର ଟଙ୍କା ବାରଅଣା କର ସଲାମି ଦେଲେ, ଯେତେ ଇଚ୍ଛା ସେତେ ଜଙ୍ଗଲ କାଟି ଜମି କରିବ ।"

ଏହା ଶୁଣି ମଦନା, ସମୀରା, ଏକାଥରକେ "ହଁ" ମାରିଲେ ଏବଂ ଗୋଡତଳେ ପଡ଼ି ଗୁହାରି କଲେ ଯେ, ପାଖରେ ଟଙ୍କା ହେଲେ ଦେବେ ବୋଲି, ସେଥିରେ ଅନ୍ୟଥା କଲେ ନାଏବବାବୁ ଜମି ଛଡ଼ାଇ ନେଇ ପାରିବେ ।

ଯାହାହେଉ, ନାଏବ ଯେଉଁ ସୁବିଧା ଖୋଜୁଥିଲେ ତାହାମଧ୍ୟ ଏକ ପ୍ରକାର ଜୁଟିଗଲା । କାରଣ ନାମଜାରିରେ ଦୁଇ ପଇସା ହେଉଥିଲା, ହଠାତ୍ ସରକାର ତାହା ବନ୍ଦ କରି ଦେଇଛନ୍ତି । ବେଠି, ବେଗାରି, ବନ୍ଦ କରି ଦେଲେଣି । ଜଣା ଗଲାଣି ଯେ ଜମିଦାରି ଉଠିଯିବ ; ଯାହା ମିଳୁଛି ସେତିକ ଢ଼େର । ସବୁ ଆଡ଼କୁ ବୁଝି ବିଚାରି ନାଏବବାବୁ ହଁ ଭରିଲେ ଓ କହିଲେ ଯେ ଆସନ୍ତା କାଲି ଅମିନ ଯାଇ ଚିହ୍ନଟ କରିଦେବେ ଜଙ୍ଗଲ ମଧ୍ୟରେ ଜମି ।

ଏତିକରେ ସ୍ୱର୍ଗକୁହାତରେ ପାଇଲା ପରି ଦୁହେଁ ଆନନ୍ଦରେ ଭୋଳ ହୋଇ, ଉହ୍ଲାସୀର ପ୍ରଶଂସା ଦୁଇ ମୁଖରେ କରୁଁ କରୁଁ ରାତି ଘଡ଼ିକରେ ଘରେ ପହୁଞ୍ଚି, କେନ୍ଦରା ଓ ବଂଶୀ ବାହାର କରି ଆଣି କଚେରୀ ଘରି ସମସ୍ତ ଘଟଣା ଗୀତ ଆକାରରେ ଉହ୍ଲାସୀକୁ ସବୁ ଶୁଣାଇ ଦେଲେ । ସମୀରା, ଉହ୍ଲାସୀକୁ ଟାଣି ଆଣି ବାହୁରେ ବାହୁ ଭିଡ଼ିଧରି ତାନେ ନାଚିଲା ।

ଅତି ଆନନ୍ଦରେ ରାତିଟି କାଟିଲେ । ଆଖିକୁ ନିଦ ନାହିଁ । କିପରି ପ୍ରଭାତ ହେବ । ଅମିନ ଯାଇ ଜମି ମାପି ଦେବ । ପ୍ରଭାତ ନ ହେଉଣ

ମଦନା ଧାଇଁଲା କଚଶ୍ରୀ ଘର ଉଦ୍ଦେଶ୍ୟରେ । ଅଳ୍ପ ଝଗ୍ର ପଡ଼ି ଆସୁଥାଏ, ଯାଇ ପହଞ୍ଚିଗଲା ।

କଚଶ୍ରୀ ପିଣ୍ଡାରେ ନାଏବବାବୁ ଦାନ୍ତକାଠି, ଗୁଡ଼ାଖୁ ପାଣିଲୋଟା ଘେନି ଦାନ୍ତ ଘସିବାକୁ ବାହାରୁ ଥା'ନ୍ତି । ନାଏବବାବୁ ମଦନାକୁ ଦେଖି କହିଲେ "କିରେ ! ତୋତେ କ'ଣ ରାତିରେ ନିଦ ନଥିଲା କି ?" "ହେଉ—ହେଉ ବନ୍ଦୋବସ୍ତ କରାଯିବ" । ଏତକ କହି ଗୁମାସ୍ତାବାବୁଙ୍କୁ ଡାକି କହିଲେ ଯେ ଜଗନ୍ନାଥ ଅମିନକୁ ଜଙ୍ଗଲ ମାପି ଦେବା ପାଇଁ ପଠାଇ ଦେବାକୁ । ପୁଣି ନାଏବବାବୁ ସାବଧାନ କରାଇ ଦେଲେ ଯେ, ଅମିନ ଯେପରି ଜଙ୍ଗଲ ମଝିରେ ଦେଖାଇ ଦିଏ ସେକଥା ଅମିନକୁ କହି ଦେବାକୁ । କାରଣ ଦେଖାଇ ବୁଝାଇ ଦେଇଥିଲେ ଯେ ମଝିରୁ କଟାଗଲେ ଦୁଇପାଖରୁ ଲୋକମାନେ ନେବା ପାଇଁ ଆଗ୍ରହ ପ୍ରକାଶ କରିବେ ଓ ଦୁଇପଇସା ବେଶି ସଲାମୀ ମିଳିବ । ଗୁମାସ୍ତା ମଧ୍ୟ ଜଗନ୍ନାଥ ଅମିନକୁ ଠିକ ଠିକ କରି ବୁଝାଇ ଦେବାକୁ ଛାଡ଼ି ନଥିଲା ।

## ତିନି

ଜଗନ୍ନାଥ ଅମିନ, ଜମିଦାର ଘର ପୁରୁଣା ଚାକର । ହାତେ ଲଠା ଧରିକି, ମାପିବା ପାଇଁ ଚାଲିଲା ମଦନା ସହିତ ! ଯିବାବେଳେ ମଧ୍ୟ ଗୁମାସ୍ତା ଠାରୁ ବୁଝି ନେବାକୁ ଭୁଲି ନ ଥିଲା । ଅମିନ ଚାଲିଛି, ତାପଛରେ ମଦନା ଚାଲିଛି । ଠିକ୍ ନାଏବବାବୁଙ୍କ ଚକ୍ଷୁ ଉହାଡ଼କୁ ଗଲାକ୍ଷଣି କହି ବସିଲା ଯେ ସେ ତୁଚ୍ଛା ହାତଟାରେ ଜମି ମାପିବାକୁ ଯିବ ନାହିଁ ବୋଲି ।

ମଦନା ହାତଧରି ପକାଇ କହିଲା "ଅମିନବାବୁ ତୁ ଯଦି ଆଜି ଜମି ମାପି ଦେବୁ, ତାହାହେଲେ ତୋତେ ଗୋଟେ ଟଙ୍କା ଦେବି ।" ସେତିକି ଶୁଣି ମଙ୍ଗ ଅମଙ୍ଗ ହୋଇ ଚାଲିଥାଏ ଜଗନ୍ନାଥ ଅମିନ ।

ଅମିନ ଲଠାଟି କାନ୍ଧରେ ପକାଇ ଜଙ୍ଗଲ ଆଡ଼କୁ ଚାଲୁଥିଲା ବେଳେ ବାଟରେ ମଦନା ଦେଖିଲା ଯେ ସମୀର ପିଲାକୁ କାନ୍ଧରେ ବସାଇ ଉହ୍ଲାସୀ ସହିତ ଚାଲିଛି କଚରି ମୁହାଁ ହୋଇ । ସମୀର, ଉହ୍ଲାସୀ ଚାଲିଛନ୍ତି କଚରି ମୁହାଁ ହୋଇ ବାଟ ଅବାଟ ନ ମାନି । ମଦନା ଉହ୍ଲାସୀକୁ ଦେଖି ଜଗନ୍ନାଥ ଅମିନକୁ ଟପି ଚାଲିଲା ସେମାନଙ୍କ ପାଖକୁ । ମଦନା ଅମିନକୁ କହିଛି ଗୋଟେ ଟଙ୍କା ଦେବା ପାଇଁ । ଗତ କାଲି ଯେଉଁ ଦୁଇଟଙ୍କା ଚାଉଳଅଣା ରଖିଦେଇ ଆସିଥିଲା ସେଥିରୁ ଗୋଟେ ଟଙ୍କା ଉହ୍ଲାସୀଠାରୁ ଆଣିବାକୁ ଆଗେଇ ଗଲା । ଉହ୍ଲାସୀ ଓ ସମୀରକୁ ଅମିନ ପାଉଣା କଥା ଜଣାଇବାରୁ ଉହ୍ଲାସୀ ଗୋଟେ ଟଙ୍କା ବାହାର କରି ଦେବାରୁ ତାକୁ ଆଣି ଜଗନ୍ନାଥ ଅମିନ ହାତରେ ଦେଲା । ଅମିନ ଟଙ୍କାକୁ

ଅଣ୍ଟିରେ ମାରଦେଇ ଗୁଳଲା ଜଙ୍ଗଲ ଆଡ଼କୁ । ସମୀରା ସେହିଠାରେ ପହିଲକୁ କାନ୍ଧରୁ ଓହ୍ଲାଇ ଦେଇ ଧାଇଁଲା ନିଜ ଘର ମୁହାଁ । ଦୁଇଟା ବୁଢ଼ିଆ ଘେନି ଧାଇଁଲା ଜଙ୍ଗଲ ଆଡ଼କୁ ସିଧା, ବାଟ ଅବାଟ ନ ମାନି । ମଦନା ଓ ଜଗନ୍ନାଥ ଅମିନ ପହଞ୍ଚିବା ପୂର୍ବରୁ ଜଙ୍ଗଲଠାରେ ଯାଇ ହାଜର ହୋଇ ଯାଇଥିଲା ।

ନିଜର ଇଷ୍ଟଦେବତାଙ୍କୁ ସ୍ମରଣ କରି ଗୋଟେ ହେନ୍ତାଳ ଗଛକୁ ଚଟାକରେ ହାଣି ଥୋଇ ଦେଲା ଭୂଇଁରେ ।

ଅମିନ ଯାଇ ପୂର୍ବ ନିର୍ଦ୍ଦେଶ ଅନୁସାରେ ମାପିଦେଲା ଜମି ପାଞ୍ଚମାଣ ମଝି ଜଙ୍ଗଲରେ । ଯେତେ କହିଲେ ସୁଦ୍ଧା କିଛି ଶୁଣିଲା ନାହିଁ ସେ । ସେଥିରେ ମଧ୍ୟ ଏହି ଜମି ଲୋଭି ପରିବାର ଅସନ୍ତୁଷ୍ଟ ହୋଇନାହାନ୍ତି ।

ଯାହା ହେଉ ଦିନରାତି ନିଜର ଶାରୀରିକ ପରିଶ୍ରମ ଦ୍ୱାରା କେଇଟି ଦିନ ମଧ୍ୟରେ ଜଙ୍ଗଲ ସଫାକରି ପକାଇଲେ ସେମାନେ । ସେହି ଜଙ୍ଗଲରୁ ଠେକୁଆ ଶୀକାର କରି ତାର ମାଂସ ଆଉ ଭୂଇଁଆଳୁ ଖୋଳି ଖାଇ ଜମି ପ୍ରସ୍ତୁତ କରି ପକାଇଲେ । ଜଙ୍ଗଲ ସଫା କରିବା ସଙ୍ଗେ ସଙ୍ଗେ ସେଠାରେ ଗୋଟିଏ କୁଡ଼ିଆ ଘର ମଧ୍ୟ ପ୍ରସ୍ତୁତ କରିନେଲେ । ଚକଦାର ଘରୁ ଯାଇ ସେହିଠାରେ ବସତି ଆରମ୍ଭ କରି ଦେଲେ ଗୃହସ୍ଥି ଜୀବନ । ଠିକ ବର୍ଷାଦିନ ପୂର୍ବରୁ ହେଲା ନେମୀର ଜନ୍ମ ଉହ୍ଲାସୀ ଗର୍ଭରୁ । ଏଣେ ଜମି ଲାଭ, ପୁଣି କନ୍ୟା ଲାଭ ଆନନ୍ଦର ଢେଉ ଖେଳାଇ ଦେଲା ସେମାନଙ୍କ ମନରେ । ଦୁଇବର୍ଷ ଅତୀତ ହୋଇ ଯାଇଛି । ପାଞ୍ଚ ମାଣ ଜମି ଆଜି ଶସ୍ୟ ଶ୍ୟାମଳା କ୍ଷେତ୍ରରେ ପରିଣତ ହୋଇଛି । ସେତେବେଳକୁ ସେମାନଙ୍କୁ ଆଉ ଖାଇବାକୁ ହେଉ ନାହିଁ ଭୂଇଁଆଳୁ ।

ଯଥେଷ୍ଟ ଧାନ୍ୟ ଉତ୍ପନ୍ନ କରୁଛନ୍ତି ସେମାନେ ପ୍ରତିବର୍ଷ ସେହି ଜମିରୁ । ବର୍ତ୍ତମାନ ସେମାନେ ଏକ ସୁଖୀ ପରିବାରରେ ପରିଣତ । ଜମିଦାରଙ୍କର ସମସ୍ତ ଟଙ୍କା ସୁଧ ମୂଳ ଲଗାଇ ପରିଶୋଧ କରି ସାରିଛନ୍ତି । କିନ୍ତୁ ଯେତେଥର ନାଏବବାବୁ ଆସୁଥା'ନ୍ତି ପାଲିଙ୍କି ବୋହିବା କାମ ଏହି ସମୀରା ଓ ମଦନା

ଉପରେ ପଡ଼ିଥାଏ । ଆଉ ପ୍ରତିବର୍ଷର କେତେ ଧାନ ସେମାନେ ଦିଅନ୍ତି ତାହା ଲେଖା ଯାଏ ଖାତାରେ । ଶୁଣା ଯାଏ ଯେ ନାଏବବାବୁଙ୍କ ସଲାମୀ ଓ ଉପରନ୍ତୁ ପ୍ରତିବର୍ଷର ଧାନ୍ୟ, ଯାହାକି ଜମି ଭୋଗିଥିବା ଲୋକମାନଙ୍କଠାରୁ ଆଦାୟ ହୁଏ, ତାହା ସମସ୍ତ ତାହାଙ୍କ ନିଜ ତହବିଲରେ ପଡ଼େ ଓ ପରିଶୋଧ ପାଇଁ ହୁକୁମ ଜାହିର ହେଉଥାଏ । ବର୍ତ୍ତମାନ ମଦନା ସରଦାର ଆଖ୍ୟା ଜମିଦାର ସେରସ୍ତାରୁ ପାଇଛି । ନାଏବଠାରୁ ଅମିନ ପର୍ଯ୍ୟନ୍ତ ସମସ୍ତେ ମଦନାକୁ ସରଦାର ବୋଲି ଡାକନ୍ତି ।

ଏବେ ମଦନାକୁ ପାଠକେ ସରଦାର ବୋଲି ଚିହ୍ନନ୍ତୁ । ସରଦାର ଇତି ମଧ୍ୟରେ ଅନେକ ଆଉ ଆଦିବାସୀ କୃଷୀମାନଙ୍କୁ ଆଣାଇ, କାହାକୁ ଦୁଇମାଣ କାହାକୁ ଚାରିମାଣ କରି ଜମି କରାଇ ଦେଇଛି । ସେମାନଙ୍କ ପାଇଁ କେତେକ ସ୍ଥଳରେ ନିଜେ ମୁଣ୍ଡି ହୋଇ ଜମିଦାରଙ୍କ ପାଉଣା ଆଦାୟ କରି ଦେଇଛି । କେତୋଟି ବର୍ଷରେ ସେଠାରେ ଗୋଟିଏ ସୁନ୍ଦର ବସ୍ତି ଗଢ଼ି ଉଠିଛି । ନଡ଼ିଆ, କଦଳୀଗଛ ଦେଖିଲେ ମନେହୁଏ ଯେପରି ପ୍ରକୃତି ଦେବୀ ନିଜେ ନିଜେ ସେଠାରେ ବନ୍ଧା ପଡ଼ିଛନ୍ତି । ନାଏବବାବୁଙ୍କର ଏଣେ ସହରରେ କୋଠା ଉଠାଗଲିଛି । ବିଚରା ପ୍ରଜାମାନେ ସଲାମୀ ସମସ୍ତ ପରିଶୋଧ କରି ସୁଦ୍ଧା ପ୍ରତ୍ୟେକ ବର୍ଷ ଗୃହରୁ ଅର୍ଦ୍ଧେକ ଧାନ୍ୟ ଫିଙ୍ଗଣା ଆକାରରେ ଦେବାକୁ ବାଦ୍ ପଡ଼ନ୍ତି ନାହିଁ ।

# ପାଞ୍ଚ

ସମୟ ସବୁବେଳେ ସମାନ ଯାଏନାହିଁ । ଏବେ ଦୁର୍ଦ୍ଦିନ ଆସିଲା । ଉଣେଇଶିଶହ ତେସ୍ତାଳିଶ ମସିହାର ସର୍ବଗ୍ରାସୀ ବନ୍ୟା, ହଜାର ହଜାର ଜୀବନକୁ ନେଇ ଯାଇଥିଲା ରାତି ମଧ୍ୟରେ ମରଣ ପୁରୀକୁ । ଆଉ ଓଡ଼ିଶାର ଉତ୍ତର ବାଲେଶ୍ୱର ଓ ମେଦିନୀପୁର ଅଞ୍ଚଳର କେତେକ ଗ୍ରାମର ଚିହ୍ନ ବର୍ତ୍ତି ମଧ୍ୟ ରହି ନ ଥିଲା । ଝଡ଼ରେ ସମୁଦ୍ରରୁ ଉଠିଲା ଲୁଣାଜଳ, କି, ଭୀଷଣ ବନ୍ୟା ସେ, ଆଜି ମଧ୍ୟ ମନେ ପଡ଼ିଲେ ଦେହ ଶିହରି ଉଠେ । ନେମୀର ସେତେବେଳକୁ ମାତ୍ର ଦଶବର୍ଷ । ପହିଲି ଷୋହଳବର୍ଷିଆ ଯୋଆଣ ହୋଇ ଉଠିଲାଣି । ଦୁହେଁ ଦୁହିଁଙ୍କୁ ଭାଇ ଭଉଣୀ ପରି ଦେଖନ୍ତି । ଏକାଠି ମାଛ ଧରି-ବାକୁ, ଶିକାର କରିବାକୁ ଯା'ନ୍ତି । ଉହ୍ଲାସୀ ସମୟ ସମୟରେ କହି ପକାଏ ମଦନା ଓ ସମୀରକୁ ଏ ଦୁହିଙ୍କର ବିବାହ ସାରି ଦେବାକୁ । ମାତ୍ର ମଦନା ସର-ଦାର ସେଥିରେ ପ୍ରତିବାଦ୍ କରେ, ଅମଙ୍ଗ ହୁଏ । ସେ କହେ "ଅନ୍ୟଠାରୁ ଗୋଟେ ବହୁ ଆଣିଲେ ଭଲ ହେବ । କଥାରେ ଅଛି ଦୂର ପାହାଡ଼ ସୁନ୍ଦର ଦୂର ବନ୍ଧୁ ସୁନ୍ଦର । ନେମୀ କିନ୍ତୁ ମାକୁ କୁହେ ଯେ ସେ ପହିଲି ଛଡ଼ା ଅନ୍ୟ କାହାରିକୁ ବିବାହ କରିବ ନାହିଁ । ପହିଲିକୁ ସେ ବଡ଼ ଭଲ ପାଏ, କ୍ରମେ ବୟସ ହେବା ସଙ୍ଗେ ସଙ୍ଗେ ସେ ପହିଲିକୁ କ୍ରମେ ଭଲପାଇ ଚାଲିଛି । ତା ଚକ୍ଷୁରେ ପହିଲି ଭାଇର ସବୁ ସୁନ୍ଦର ।

ସେହି କରାଳ ବନ୍ୟାରେ ଏହି ନୂତନ ଗ୍ରାମର ସମସ୍ତ ଗୋରୁଗାଈ ଭାସିଗଲେ ସମୁଦ୍ରକୁ କିନ୍ତୁ କିଛି ମନୁଷ୍ୟ ରକ୍ଷା ପାଇଯାଇଥିଲେ । କିନ୍ତୁ ସରଦାର ସେହି ବନ୍ୟା ଜଳରେ ସମାଧି ପାଇଯାଇ ଥିଲା ।

ବାକି ମା', ବାପ, ଛେଉଣ୍ଡ ପଦ୍ମଲ, ନେମୀ, ନେମୀର ବାପ ସମୀର ଓ ମା ଉହ୍ଲାସୀ ରହିଲେ ଏ ସଂସାରରେ ।

ସେ ଗ୍ରାମର ଲୋକମାନେ କେବଳ ଜୀବନ ନେଇ ପଳାଇ ଯାଇଥିଲେ ଅନ୍ୟତ୍ର । ସେତେବେଳେ ସେମାନେ ଯିଏ ଯେଉଁଆଡ଼େ ପାଇଲେ ପଳାଇ ଗଲେ ଅନ୍ନ ସଂଗ୍ରହ ଉଦ୍ଦେଶ୍ୟରେ । କାରଣ ଭୋକିଲା ଲୋକ ପାଖରେ ଅନ୍ନହିଁ ଭଗବାନ ।

ସମୀର ଅନ୍ୟ ତିନି ଗୋଟି ଜୀବନକୁ ସାଙ୍ଗରେ ନେଇ ବାହାରି ଆସିଛି ଆଜି ସହରର ବଜାରକୁ ଜୀବନ ବଞ୍ଚାଇବା ପାଇଁ । କେଉଁଠାରେ ଭିକ୍ଷାକରି କେଉଁଠାରେ ଅବା ଶାରୀରିକ ପରିଶ୍ରମ କରି ନିଜେ ଉପବାସ ରହି କିଛି ଦିନ ଚଳାଇ ନେଇଗଲା ଏହି ତିନି ପ୍ରାଣୀଙ୍କୁ । ନିଜେ ଖାଦ୍ୟ ନ ପାଇବାରୁ ତାର ଶରୀର ଭାଙ୍ଗି ପଡ଼ିଲା । ସେ ଆଉ ଚାଲିବାକୁ ନ ପାରି ବାଲେଶ୍ୱର ସହରର ଉପକଣ୍ଠରେ ଦିଆ ହେଉଥିବା ରାଏ ସାହେବଙ୍କ ଛତର ପଦାରେ, ଭାତମୁଠାକ ଉଦ୍ଦେଶ୍ୟରେ ପଡ଼ିଥାଏ । ସେଠାରେ ପେଜ ମିଶା ଡାଲି, ବରଗଡ଼ା ଗୋଡ଼ିମିଶା ଚାଉଳ ଭାତ, ଆଉ ଘାସମିଶା ଶାକ ଖାଇ, ସେହି ମିଳ ପରିପଟେ ଚାରିଦିନ ପାଇଁ ଆଖିବୁଜିଲା ବାଡ଼ରୋଗରେ । ଉହ୍ଲାସୀ କୌଣସି ପ୍ରକାର ଭିକ୍ଷା କରି ନିଜକୁ ଓ ଆଉ ଦୁଇଟି ଜୀବନକୁ ବଞ୍ଚାଇ ଫେରି ଆସିଲା ସେହି ସ୍ଥାନକୁ, ଯେଉଁଠାରେକି ସେ ଗର୍ଭବତୀ ଅବସ୍ଥାରେ ମାଟି କାଟି ଜମି ପ୍ରସ୍ତୁତ କରିଥିଲା । କିଛି ଦିନ ଅତୀତ ହୋଇଗଲା, କିନ୍ତୁ ଆଉ ତାର ପଡ଼ିଶା ଭାଇମାନେ ଫେରିଲେ ନାହିଁ ।

ଜମିଦାରର ଆନନ୍ଦର ସୀମା ନାହିଁ । ନାଏବବାବୁ ହଜାରେ ଟଙ୍କାରେ ମେଦିନୀପୁରିଆ ଲୋକମାନଙ୍କୁ ସେ ଜମିମାନ ପଟ୍ଟା କରି ଦେଇ ସାରିଛନ୍ତି । ସେଥିରେ ଏ ଗରିବଙ୍କ ଜମି ମଧ୍ୟ ବାଦ୍ ପଡ଼ିନାହିଁ । ଯାହାହେଉ, ପଦ୍ମଲ ନେମୀକୁ ଇତିମଧ୍ୟରେ ଖୁବ ଭଲ ପାଇଛି । କେବଳ ଲୋକ ଚକ୍ଷୁରେ ବିବାହ ହୋଇ ନଥାଏ । ଏକ ପକ୍ଷରେ ପାଳିତା ମାତା ଅନ୍ୟ ପକ୍ଷରେ

ଶାଶୁକୁ ନେଇ ପହଲ ତାର ପିତାର କଥା ସ୍ମରଣ କରି କାମ କରିବାକୁ ଲାଗିଲା ସେହି ଜମିରେ। ବେଶୀ କଷ୍ଟ ହେଲ ନାହିଁ ଚାଷ କରିବାକୁ କାରଣ ବଳଦ ନଥିଲେ ମଧ୍ୟ କୋଦାଳରେ ହାଣି ଦେଇ, ଫସଲ କାଟି ନେଇଥିଲେ। ଗୁମାସ୍ତାବାବୁ ଯାଇ ସେମାନେ ଆଉ ଜମିର କେହି ନୁହନ୍ତି କହି ଧମକ ଦେବାର ଚେଷ୍ଟା କରିଥିଲେ। କିନ୍ତୁ ସେ ଧମକ ଆଉ କିଛି କାମ କଲାନାହିଁ।

ଫସଲ ଅମଳ କରିସାରି ପହଲ ବିବାହ କଲା ନେମୀକୁ। ଉହାଁସୀର ଅନୁମତି କ୍ରମେ ମହିଷି, ଗୋରୁ ଇତ୍ୟାଦି କ୍ରମେ ଖରିଦ କରିବାକୁ ଲାଗିଲା ପହଲ। ପୂର୍ବ ପଡ଼ିଶା ଲୋକେ ଯେତେବେଳ ଆସି ଦେଖନ୍ତି, ସେତେବେଳେ ସେ ସବୁ ଜମିରେ ମେଦନୀପୁରିଆ ବାବୁମାନେ ଆସି ଜମିର ମାଲିକ ହୋଇ ବସି ଗଲେଣି।

ପହଲ ନିକଟରେ ଥିବା ଗ୍ରାମକୁ ଆସେ। ସରଦାରପୁଅ ଫେରି ଆସିବାରେ ପାଖ ପଡ଼ିଶାମାନେ ଭାରି ଖୁସି। ମାତ୍ର ସେମାନେ କହନ୍ତି ଯେ ସରଦାରଘର ଜମି ପଛା ଲାଗିଯାଇଛି। ପହଲ ସେକଥା କାନକୁ ନିଏ ନାହିଁ। ସେ ଜାଣେ ତାର ବାପ, ଶ୍ୱଶୁର, ଶାଶୁ ଏମାନେ ରକ୍ତ ଢାଳି ଜମି କରିଛନ୍ତି। ସେଥିରୁ କେହି ତାକୁ ବଞ୍ଚିତ କରି ପାରିବ ନାହିଁ। ଧନିକ ଶ୍ରେଣୀ ଯେ କେତେ ପ୍ରକାର ଉପାୟ ଦ୍ୱାରା ଗରିବର ପରିଶ୍ରମ, ଧନ ଶୋଷଣ କରିପାରନ୍ତି, କେତେ ପ୍ରକାର ଫାନ୍ଦ ବସାଇ ଗରିବର ସର୍ବନାଶ କରିପାରନ୍ତି, ସେ ବିଚରା କିପରି ତାହା ଜାଣନ୍ତା। ସେ କେବଳ ବଞ୍ଚି ରହିବ, କାମ କରିବ, ଏହି ଦୁଇ କଥା ଛଡ଼ା ଅନ୍ୟର ସଂପତ୍ତିକୁ ଲୋଭ କରିନାହିଁ। ତେଣୁ ତାର ସମ୍ପତ୍ତି ନୁହେଁ, ଏ କଥା ପଡ଼ିଶା ଲୋକେ କହିଲେ ସେ କାନକୁ ନେଏନାହିଁ। ତା ପକ୍ଷରେ ବର୍ତ୍ତମାନ ଅଛି, ଭବିଷ୍ୟତ୍ ମଧ୍ୟ ରହିବ ବୋଲି ସେ ଧରି ନେଇଛି।

ଉହାଁସୀର ମଧ୍ୟ ଏଇ କେତୋଟି ବର୍ଷରେ ସ୍ୱାମୀତ୍ୟକ୍ତ ଦୁଃଖ ଯୋଗୁଁ ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଛି। ସେ ମଧ୍ୟ ଏହି ଦମ୍ପତିକୁ ଛାଡ଼ି ଆଖି ବୁଜିଲା।

—ସତର—

ବାକି ମା', ବାପ, ଛେଉଣ୍ଡ ପହଲି, ନେମୀ, ନେମୀର ବାପ ସମୀର ଓ ମା ଉହ୍ଲାସୀ ରହିଲେ ଏ ସଂସାରରେ ।

ସେ ଗ୍ରାମର ଲୋକମାନେ କେବଳ ଜୀବନ ନେଇ ପଳାଇ ଯାଇଥିଲେ ଅନ୍ୟତ୍ର । ସେତେବେଳେ ସେମାନେ ଯିଏ ଯେଉଁଆଡ଼େ ପାଇଲେ ପଳାଇ ଗଲେ ଅନ୍ନ ସଂଗ୍ରହ ଉଦ୍ଦେଶ୍ୟରେ । କାରଣ ଭୋକିଲା ଲୋକ ପାଖରେ ଅନ୍ନହିଁ ଭଗବାନ ।

ସମୀର ଅନ୍ୟ ତିନି ଗୋଟି ଜୀବନକୁ ସାଙ୍ଗରେ ନେଇ ବାହାରି ଆସିଛି ଆଜି ସହର ବଜାରକୁ ଜୀବନ ବଞ୍ଚାଇବା ପାଇଁ । କେଉଁଠାରେ ଭିକ୍ଷାକରି କେଉଁଠାରେ ଅବା ଶାରୀରିକ ପରିଶ୍ରମ କରି ନିଜେ ଉପବାସ ରହି କିଛି ଦିନ ଚଳାଇ ନେଇଗଲା ଏହି ତିନି ପ୍ରାଣୀଙ୍କୁ । ନିଜେ ଖାଦ୍ୟ ନ ପାଇବାରୁ ତାର ଶରୀର ଭାଙ୍ଗି ପଡ଼ିଲା । ସେ ଆଉ ଚାଲିବାକୁ ନ ପାରି ବାଲେଶ୍ୱର ସହର ଉପକଣ୍ଠରେ ଦିଆ ହେଉଥିବା ରାଏ ସାହେବଙ୍କ ଛତର ପଦାରେ, ଭାତମୁଠାକ ଉଦ୍ଦେଶ୍ୟରେ ପଡ଼ିଥାଏ । ସେଠାରେ ପେଜ ମିଶା ଡାଲି, ବରଗଡ଼ା ଗୋଡ଼ିମିଶା ଚାଉଳ ଭାତ, ଆଉ ଘାସମିଶା ଶାକ ଖାଇ, ସେହି ମିଲ ପଛପଟେ ଚିରଦିନ ପାଇଁ ଆଖିବୁଜିଲା ବାଡ଼ରୋଗରେ । ଉହ୍ଲାସୀ କୌଣସି ପ୍ରକାର ଭିକ୍ଷା କରି ନିଜକୁ ଓ ଆଉ ଦୁଇଟି ଜୀବନକୁ ବଞ୍ଚାଇ ଫେରି ଆସିଲା ସେହି ସ୍ଥାନକୁ, ଯେଉଁଠାରେକି ସେ ଗର୍ଭବତୀ ଅବସ୍ଥାରେ ମାଟି କାଟି ଜମି ପ୍ରସ୍ତୁତ କରିଥିଲା । କିଛି ଦିନ ଅତୀତ ହୋଇଗଲା, କିନ୍ତୁ ଆଉ ତାର ପଡ଼ିଶା ଭାଇମାନେ ଫେରିଲେ ନାହିଁ ।

ଜମିଦାରଙ୍କ ଆନନ୍ଦର ସୀମା ନାହିଁ । ନାଏବବାବୁ ହଜାର ଟଙ୍କାରେ ମେଦିନୀପୁରିଆ ଲୋକମାନଙ୍କୁ ସେ ଜମିମାନ ପଟ୍ଟା କରି ଦେଇ ସାରିଛନ୍ତି । ସେଥିରେ ଏ ଗରିବଙ୍କ ଜମି ମଧ୍ୟ ବାଦ୍ ପଡ଼ିନାହିଁ । ଯାହାହେଉ, ପହଲି ନେମୀକୁ ଇତିମଧ୍ୟରେ ଭାରି ଭଲ ପାଇଛି । କେବଳ ଲୋକ ଚକ୍ଷୁରେ ବିବାହ ହୋଇ ନଥାଏ । ଏକ ପକ୍ଷରେ ପାଳିତା ମାତା ଅନ୍ୟ ପକ୍ଷରେ

—ଖୋହଲ—

ଶାଶୁକୁ ନେଇ ପହଲ ତାର ପିତାର କଥା ସ୍ମରଣ କରି କାମ କରିବାକୁ ଲାଗିଲା ସେହି ଜମିରେ । ବେଶୀ କଷ୍ଟ ହେଲା ନାହିଁ ଚାଷ କରିବାକୁ କାରଣ ବଳଦ ନଥିଲେ ମଧ୍ୟ କୋଦାଳରେ ହାଣି ଦେଇ, ଫସଲ କାଟି ନେଇଥିଲେ । ଗୁମାସ୍ତାବାବୁ ଯାଇ ସେମାନେ ଆଉ ଜମିର କେହି ନୁହନ୍ତି କହି ଧମକ ଦେବାର ଚେଷ୍ଟା କରିଥିଲେ । କିନ୍ତୁ ସେ ଧମକ ଆଉ କିଛି କାମ କଲାନାହିଁ ।

ଫସଲ ଅମଳ କରିସାରି ପହଲ ବିବାହ କଲା ନେମୀକୁ । ଉହଲାସୀର ଅନୁମତି କ୍ରମେ ମହିଷି, ଗୋରୁ ଇତ୍ୟାଦି କ୍ରମେ ଖରିଦ କରିବାକୁ ଲାଗିଲା ପହଲ । ପୂର୍ବ ପଡ଼ିଶା ଲୋକେ ଯେତେବେଳେ ଆସି ଦେଖନ୍ତି, ସେତେବେଳେ ସେ ସବୁ ଜମିରେ ମେଦନୀପୁରିଆ ବାବୁମାନେ ଆସି ଜମିର ମାଲିକ ହୋଇ ବସି ଗଲେଣି ।

ପହଲ ନିକଟରେ ଥିବା ଗ୍ରାମକୁ ଆସେ । ସରଦାରପୁଅ ଫେରି ଆସିବାରେ ପାଖ ପଡ଼ିଶାମାନେ ଭାରି ଖୁସି । ମାତ୍ର ସେମାନେ କହନ୍ତି ଯେ ସରଦାରଘର ଜମି ପଠା ଲାଗିଯାଇଛି । ପହଲ ସେକଥା କାନକୁ ନିଏ ନାହିଁ । ସେ ଜାଣେ ତାର ବାପ, ଶ୍ୱଶୁର, ଶାଶୁ ଏମାନେ ରକ୍ତ ଢାଳି ଜମି କରିଛନ୍ତି । ସେଥିରୁ କେହି ତାକୁ ବଞ୍ଚିତ କରି ପାରିବ ନାହିଁ । ଧନିକ ଶ୍ରେଣୀ ଯେ କେତେ ପ୍ରକାର ଉପାୟ ଦ୍ୱାରା ଗରିବର ପରିଶ୍ରମ, ଧନ ଶୋଷଣ କରିପାରନ୍ତି, କେତେ ପ୍ରକାର ଫାନ୍ଦ ବସାଇ ଗରିବର ସର୍ବନାଶ କରିପାରନ୍ତି, ସେ ବିଷୟରେ କାହାରି ତାହା ଜାଣନ୍ତା । ସେ କେବଳ ବଞ୍ଚି ରହିବ, କାମ କରିବ, ଏହି ଦୁଇ କଥା ଛଡ଼ା ଅନ୍ୟର ସଂପତ୍ତିକୁ ଲୋଭ କରିନାହିଁ । ତେଣୁ ତାର ସମ୍ପତ୍ତି ନୁହେଁ, ଏ କଥା ପଡ଼ିଶା ଲୋକେ କହିଲେ ସେ କାନକୁ ନେଏନାହିଁ । ତା ପକ୍ଷରେ ବର୍ତ୍ତମାନ ଅଛି, ଭବିଷ୍ୟତ୍ ମଧ୍ୟ ରହିବ ବୋଲି ସେ ଧରି ନେଇଛି ।

ଉହଲାସୀର ମଧ୍ୟ ଏଇ କେତୋଟି ବର୍ଷରେ ସ୍ୱାମୀଙ୍କ ଦୁଃଖ ଯୋଗୁଁ ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଛି । ସେ ମଧ୍ୟ ଏହି ଦମ୍ପତିକୁ ଛାଡ଼ି ଆଖି ବୁଜିଲା ।

ଶୀତ ଯାଇ ବସନ୍ତଋତୁ ଆସିଛୁ । ନେମୀ ପଦ୍ମଲର ଦୁଃଖ କେବଳ ଗୋଟିଏ ସନ୍ତାନ ପାଇଁ । ଦିନେ ଉଭୟେ ନିଜ ଘର ସମ୍ମୁଖରେ ଗୋଟିଏ ଦଉଡ଼ିଆ ଖଟିଆରେ ବସିଛନ୍ତି । ଗୋରୁ ମହିଷି କଡ଼ା ଖୁଆଉଛନ୍ତି । ଜମିଦାରଘର ଗୁମାସ୍ତା ଓ ସଦର କଚେରୀ ପିଅନ, ବାଲେଶ୍ୱର କଚେରୀ ପିଅନ, ତିନିଜଣ ଆସି ସେମାନଙ୍କ ପାଖରେ ହାଜର । ପଦ୍ମଲ ତରତରରେ ଦୁଇଟା ଦଉଡ଼ିଆ ଖଟିଆ ଥୋଇଦେଲା ବାବୁମାନଙ୍କର ବସିବା ଉଦ୍ଦେଶ୍ୟରେ । ନେମୀ ଆଣି ଥୋଇଦେଲା ଜଳ ଦୁଇଘଟି ବାବୁମାନଙ୍କର ଗୋଡ଼ ଧୋଇବା ପାଇଁ । ପଦ୍ମଲ କମରରେ ଗୋଟିଏ କଟୁରୀ ଖୋସି ଦେଇ ଉଠିଗଲା ତାର ବାପ ଲଗାଇଥିବା ପଇଡ଼ ଗଛ ଉପରକୁ । କେବଳ ଯେଉଁ କେତୋଟି ପଇଡ଼ଗଛ ବଞ୍ଚିଥିଲା ବନ୍ୟା ଓ ଝଡ଼ ଦାଉରୁ ସେଥିରେ ବହୁତ ଫଳ ଫଳୁଥାଏ । ସେଥିରୁ ଚାରି ପୁଷ୍ଟା ପଇଡ଼ ହାଣି କାଣ୍ଡି କରିଦେଲା ତଳେ । ବାବୁମାନେ ଗୋଡ଼ ଧୋଇ ସାରିବାପରେ ଗୋଟିକ ପରେ ଗୋଟିଏ କାଟି ବଢ଼ାଇ ଦେଉଥାଏ ସେମାନଙ୍କ ହାତକୁ । ବାବୁମାନେ ଆନନ୍ଦରେ ପିଇସାରିବା ପରେ ପଦ୍ମଲ ସେମାନଙ୍କର ଆସିବା କାରଣ ପଚାରିବାକୁ ଯାଉଛି, ଏତିକିବେଳେ ଗୁମାସ୍ତା ଆଖିଟିପି ଦେଲା ପିଅନକୁ ଟିପ କରାଇନେବା ପାଇଁ । ବାବୁମାନଙ୍କର ଆଗମନରେ ପଦ୍ମଲ ଅତି ବ୍ୟସ୍ତହୋଇ ପଡ଼ିଥିବାରୁ ଟିପକରି ଦେବାକୁ ଉଁ, କି, ଚୁଁ କିଛି କହିଲା ନାହିଁ । କେବଳ ପଚାରି ବୁଝିଲା ଯେ ବାବୁମାନେ ଗସ୍ତରେ ଏଠାକୁ ଆସିଥିଲେ, ସରଦାର ପୁଅ ଏ ଗାଁର ମୁଖିଆ ବୋଲି ଗୋଟେ ଚହ୍ଲଟ ନେଇଗଲେ । ପଦ୍ମଲ ବାପୁରା ମୂର୍ଖଲୋକ, ସେ ଅବା ଏ ଟିପ ଦେବାର ମୂଲ୍ୟ କିପରି ଜାଣନ୍ତା ? ସେତିକି ଶୁଣି ସେ ସନ୍ତୁଷ୍ଟ ହୋଇ ରହିଲା ।

ଏହାଯେ ଜମିଦାରର ଚକ୍ରାନ୍ତ, ତାହାକୁ ଜମିରୁ ଉଠାଇବା ପାଇଁ ତାହା ସେ ଜାଣେ ନାହିଁ । ସେ ଖଟି ଖାଇ ଶିଖିଛି । ସେ ଗରିବ ଲୋକ, ତାର ପରିଶ୍ରମ ଉପରେ ସହସ୍ର ବାବୁଭୟାମାନେ ବଞ୍ଚିଛନ୍ତି ଏକଥା ତାକୁ ଅଜଣା ! ତେଣୁ ସେ ଆନନ୍ଦ ହୋଇ ଯାହା କିଛି ପଇଡ଼ ଅକଟା ଥିଲା ତାହା ସେମାନଙ୍କ ହାତକୁ ବଢ଼ାଇ ଦେଇ ଦୁଇଟା ଦଣ୍ଡବତ ପକାଇ ବିଦାୟ ଦେଲା ।

ତାର ଚିନ୍ତା ଯେ, ଯେପରି ତାର ଅତିଥି ସତ୍କାରରେ କୌଣସି ତ୍ରୁଟି ନ ରହେ ।

ଦୁଇଟି ମାସ ଯାଇନାହିଁ, ଦିନେ ବଡ଼ ସକାଳୁ ସେ ଦେଖେ ଯେ ଜମିଦାର ଘର ଅମିନଠାରୁ ପିଆଦା ପର୍ଯ୍ୟନ୍ତ ଓ ବାଲେଶ୍ୱରର ହୁଦାପକା ସରକାରୀ ପିଅନ ଗୋଟିଏ ଢ଼େଙ୍ଗୁରାବାଲାକୁ ସଙ୍ଗରେ ଧରି ଘର ଚାରିପଟେ ଘେରିଯାଇ ଅଛନ୍ତି । ପହଲି କାରଣ ପଚାରି ବୁଝିବା ପୂର୍ବରୁ ପିଅନବାବୁଙ୍କ ହୁକୁମ ମତେ ଢେ଼ଙ୍ଗୁରାବାଲା ଦୁଇଚାରି ତାଙ୍ଗ ପିଟିଦେଲା ଢ଼େଙ୍ଗୁରାରେ । ଆଉ ପିଅନ ଇସ୍ତାହାର ପଢ଼ି ଶୁଣାଇ ଦେଲା ପହଲିକୁ ଯେ ଡିକ୍ରିଜାରି ପରେ ଟଙ୍କା ଦାଖଲ ନ କରି ଥିବାରୁ ପହଲି ସିଂର ଘର କ୍ରୋକ୍ କରାଗଲା । ତିନିମାସ ଏହିଠାରେ ସମସ୍ତ ଟଙ୍କା ଦାଖଲ କଲେ ଫେରିଯିବୁଁ, ନଚେତ୍ ସମସ୍ତ ସମ୍ପତ୍ତି, ଗୋରୁ, ମଇଁଷି ଆଦି ବନ୍ଦବସ୍ତ କରି ଦେବୁଁ ବୋଲି ପିଆଦା ପହଲିକୁ ଜଣାଇ ଦେଲା ।

ପହଲି ଏକେବାରେ ଆଶ୍ଚର୍ଯ୍ୟ । କି କ୍ରୋକ୍, କି ଡିକ୍ରିଜାରି ସେ କିଛି ଜାଣେ ନାହିଁ । କେବଳ ବୁଝି ରଖିଲା ଯେ ଏକଶତ ପାଞ୍ଚଟଙ୍କା ନଗଦ ଦେଲେ ଓ ତାଙ୍କ ସାଙ୍ଗଙ୍କୁ ସମସ୍ତ ଖର୍ଚ୍ଚ ଦେଇଦେଲେ, ସେମାନେ ଗୋରୁ, ମଇଁଷି ଛାଡ଼ି ଚାଲିଯିବେ । ପହଲି ବହୁ ଅନୁନୟ ବିନୟ କଲା । ତାର ପ୍ରାଣର ମଇଁଷି, ଗୋରୁମାନଙ୍କୁ ଟଣାଓଟରା କରି ବାନ୍ଧିବାରେ ତାକୁ ବଡ଼ ବିକଳ ଲାଗିଲା । ତେଣୁ ସେ ପିଅନ ଗୋଡ଼ତଳେ ପଡ଼ି ରକ୍ଷା କରିବାକୁ ଭିକ୍ଷା କଲା ।

ପିଅନବାବୁଙ୍କୁ ପାଞ୍ଚଦିନ ସମୟ ମାଗିଲା ପହଲି । ପିଅନବାବୁ କହିଲେ "ଶୁଖିଲା ହାତଟା ପାଟିକୁ ଯିବ କିପରି ?" ଅର୍ଥାତ ପାଞ୍ଚଦିନ ସମୟ ଦିଆଯାଇ ପାରେ ଯଦି ତାଙ୍କର ପାଉଣା କିଛି ଭଲଭାବରେ ମିଳେ । ପହଲି ଏତିକି ଶୁଣି ନେମୀ ଆଡ଼କୁ ଚାହିଁଲାକ୍ଷଣି, ନେମୀ ତାର କମରରୁ ଗାଣ୍ଠିଆ ବାହାର କରି ଦଶଟି ଟଙ୍କା ପିଅନ ହାତରେ ଥୋଇ ଦେଲା । ତେଣୁ ପିଅନବାବୁଙ୍କର କଥା କ୍ରମେ ନରମ ହୋଇଆସିଲା ।

—ଉଣାଇଶି—

ପିଅନ ଦାସ୍ଥାବନ୍ଧ ପହଲଙ୍କୁ ଉପଦେଶ ଦେଲେ "ତୁ ନଜେ ଦେଣୀ ହୋଇ ଥିବାରୁ, ତୋ ମାରଫତରେ ମାଲ ଛଡ଼ାଯାଇ ପାରିବ ନାହିଁ । ଅନ୍ୟ ଜଣେ ଲୋକ ପଡ଼ିଶାରୁ ଡାକ ଆଣିଲେ ତାହାର ଜିମାରେ ସେ ସବୁ ରଖିଯାଇ ପାରନ୍ତି ।" କିନ୍ତୁ ଜମିଦାର ଗୁମାସ୍ତା ଆପତ୍ତି ଉଠାଇଲା ଓ କହିଲା ଯେ ଏଠାରେ ଏତେ ଟଙ୍କାର ମାଲ ଜିମା ରଖିବା ଲୋକ ନାହାନ୍ତି ।

ପହଲ ଦେଖିଲା ଯେ, ତାର ସେହି ଗୁମାସ୍ତା, ଯାହାକୁ କି ପ୍ରତିବର୍ଷ ଜମିର ଫସଲରୁ ଅଧେ ଦେଇ ଆସୁଅଛି । କେବଳ ସେତିକ ନୁହେଁ ତହିଁ ସଙ୍ଗେ ସଙ୍ଗେ ଠାକୁର ସଲାମୀ, ଅମଲା ପାଉଣା ଏଭଳି ଦଶଟଙ୍କା ନଗଦ ମଧ୍ୟ ଦେଇ ଆସୁଅଛି । ସେହି ଆଜି ନଜେ ଚିହ୍ନି ପ୍ରତିବାଦ କରୁଛି । ଅତି ଦୁଃଖରେ ପହଲ, ନେମୀ ପହୁଞ୍ଚିଲେ ଗୁମାସ୍ତା ପାଖରେ, ଲମ୍ବ ଲମ୍ବ ହୋଇ ଶୋଇଗଲେ ଗୁମାସ୍ତା ଗୋଡ଼ତଳେ । ଭୋ, ଭୋ ହୋଇ କାନ୍ଦି କହିଲେ "କ'ଣ ହେଲ ବାବୁ ? ଆମେତ ବରାବର ଆପଣଙ୍କ ପାଉଣା ପରିଶୋଧ କରିଆସିଛୁଁ କ'ଣ ଅପରାଧ ହେଲ ?"

ଗୁମାସ୍ତା ସତକଥା ନ କହି କହିଲା ଯେ ଜମିଦାର ଘର ସିରସ୍ତାରେ ଗୋଟେ କ'ଣ ଗୋଳମାଳ ହୋଇଛି, ଭୁଲ ଭଟକ ହୋଇଥିବ, ଦେଖିବା, ବ୍ୟସ୍ତ ହ'ନା ।"

ଏତିକରେ ପହଲ ହୋସ ପସିଲା । ତେବେ କିଏ ଘର ଜିମାଦାର ହେବ କିଏ ? ସରକାରି ଘର ମାଲ, ଯିଏ ନେବ ସେ ଯେପରି ଉପଯୁକ୍ତ ଲୋକ ହୋଇଥିବ । ମହିଷି, ଗୋରୁ, କଂସା, ବାସନ, କବାଟ, ସବୁ ତାହାର ଜିମା ଦିଆଯିବ ଗରିବ ଲୋକ ସରକାରୀ ମାଲର ଜିମାଦାର ହୋଇ ପାରିବ ନାହିଁ । ଏସବୁ କଥା ଗୁମାସ୍ତା ଓ ପିଅନମାନେ ବୁଝାଇ ଦେଲେ ପହଲକୁ । କ'ଣ କରାଯିବ, ପିଅନ ହାତଗୁଞ୍ଜା ନେଇ ସାରଲେଣି, ଗୁମାସ୍ତା ମଧ୍ୟ ଦୁଇଟଙ୍କା ପକାଇ ସାରଲଣି । ଗୁମାସ୍ତା ତାର ବଳିଷ୍ଠ ମସ୍ତକରୁ ଗୋଟେ ବୁଦ୍ଧି ଉଦ୍ଭାବନ କଲା । ସେ ଜାଣିଥିଲା ଯେ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ନାଟୁ ଯେନା । ତାର ଘର ଲୋଭ ନେମୀ ପ୍ରତି । ପରୋକ୍ଷରେ କହି

ଚେଷ୍ଟା କରୁଛି, ପ୍ରତ୍ୟକ୍ଷରେ ଗୁମାସ୍ତାକୁ ନେମୀର ସୌନ୍ଦର୍ଯ୍ୟ କଥା ପ୍ରକାଶ କରୁଛି । ଖାଲି ସେତିକି ନୁହେଁ ବହୁବାର ଚେଷ୍ଟା କରିବାକୁ ମଧ୍ୟ ଛାଡ଼ିନାହିଁ ଏହି ଆଦିବାସୀ ରମଣୀକୁ ନେଇ ନିଜର ପାପ ଆଶା ପୂରଣ କରିବା ନିମନ୍ତେ ।

ସେଇ କଥାଟା ଗୁମାସ୍ତା ମୁଣ୍ଡରୁ ଗଜେଇ ଉଠିଲା । ସେ କହି ପକାଇଲେ "ନିକଟ ଗାଁରେ ନାଟୁ ଜେନା ନାଏବ ସରପଞ୍ଚ ଅଛି, ତାହାର ଦସ୍ତଖତ ନେଇ ମାଲ ଛଡ଼ା ଯାଇ ପାରେ" ।

ଏତିକି ଶୁଣି ପହଲର ମୁଣ୍ଡ କ'ଣ ହୋଇଗଲା । ସେ ମଧ୍ୟ ଜାଣିଛି ନାଟୁ ଜେନାର କୌଶଳ ମାନ । କପରି ଥରେ ତାର ସ୍ତ୍ରୀର ଲୁଗା ଓଟରା କରିଥିଲା । ଆଜି ନେମୀ ତାହାକୁ କୁଆଁପାରେ ଗାଳି ଦେଇଥିଲା । ଗୁମାସ୍ତାକୁ ଏକଥା ମଧ୍ୟ ଜଣା ଯେ ଯଦି ପହଲକୁ ଗୋଟିଏ ଦିନ ସମୟ ଦିଆ ଯାଏ ତାହାହେଲେ ପହଲ ନିଜର ଧାନ ବନ୍ଦୋବସ୍ତ କରି ଟଙ୍କା ଦେଇ ଦେବ । ପହଲ ନୀରବ ରହିବାର ଦେଖି ଗୁମାସ୍ତା ପିଆଦାମାନେ ଗୋରୁ, ମହିଷି, ଉଡ଼ାଇ ଆଣିବାକୁ ଆରମ୍ଭ କରିବାରେ ପହଲକୁ ଅଗତ୍ୟା ନାଟୁ ଯେନା ନାଏବ ସରପଞ୍ଚଙ୍କୁହିଁ ଭଦ୍ରଲୋକ ଜାମିନଦାର ବୋଲି ମାନ ନେବାକୁ ହେଲା । କାରଣ ସେ ଭାବି ପାରିଥିଲା ଯେ ଦୁଇଦିନ ମଧ୍ୟରେ ଗୋରୁ, ମହିଷି, କଂସା ଇତ୍ୟାଦି ଧାନ୍ୟ ବନ୍ଦୋବସ୍ତ କରି ଟଙ୍କା ଦେଇ ଘେନି ଆସିବ ।

ଗୋରୁଗାଈ ମହିଷି ଇତ୍ୟାଦିକୁ ଯେତେବେଳେ ଘଉଡ଼ାଇ ନେଇ ପିଆଦା, ଗୁମାସ୍ତା, ପିଅନମାନେ ନାଟୁ ଜେନା ଘରଠାରେ ହାଜର ହେଲେ, ସେତେବେଳେ ପହଲ ନିଜେ ଯାଇ ସେମାନଙ୍କ ସହ ନାଟ ଦ୍ୱାରେ ହାଜର ହେଲା ।

ବିବାଦୀ ପକ୍ଷର ବର୍ତ୍ତମାନ ଦାୟିତ୍ୱ । ବିବାଦୀ ଯଦି ଜାମିନତ ପାଇଁ କହୁଛନ୍ତି, ପିଅନ ଅବା କପରି ନିଜେ କହିବ । ମାମଲତକାର ବୋଲି ନାଟୁ ଯେନାର ଦୁଇଟି ଥାନାରେ ନାମଡାକ ଅଛି । ଖାଲି ସେତିକି ନୁହେଁ କାଲିକରି ବହୁ ଲୋକର ସମ୍ପତ୍ତି ମାରି ନେଇଥିବା ଯୋଗୁଁ ସେ ଆଜି

ଦୁଇ ଆନାରେ ଜଣେ ନାମକଲ ଲୋକ ହୋଇଛୁ । ଲୋକେ ଜାଲ୍ସ୍ୱାଡ
ନାଟୁ ଯେନା ବୋଲ କହିଲେ ଗୋବର୍ଦ୍ଧନପୁର ନାଟୁ ଯେନାକୁ ବୁଝନ୍ତି ।
ଗୋଟେ ସ୍ତ୍ରୀ ଲୋକକୁ ଛଡ଼ାକରି ଅନ୍ୟ ଏକ ଲୋକର ସଂପତ୍ତି ମାରନେବା
ଅପରାଧରେ ବିଚାରାଳୟରେ ହାଜର ହୋଇ ଖଲାସ ପାଇଛୁ, ତାହି ସଙ୍ଗେ
ସଙ୍ଗେ ସମ୍ପତ୍ତି ମଧ୍ୟ ସେ ପାଇଛୁ ।

ନାଟୁ ଯେନା ପହଲକୁ ଦେଖି ମନେ ମନେ ମହାଆନନ୍ଦ । ନାଟୁଆକୁ
ଗୋଟେ ଆଦିବାସୀ ସ୍ତ୍ରୀ ଧରା ଦେଇ ନ ଥିବାରୁ ମନେ ମନେ ଗୋଟେ
ଆକ୍ରୋଶ ରଖିଥିଲ । ବର୍ତ୍ତମାନ ବଳେ ବଳେ ଆସି ଧରା ଦେବାରୁ ଆନନ୍ଦ
ବେଶି ବଢ଼ି ଯାଇଛୁ । ଆକ୍ରୋଶ ମେଣ୍ଟାଇବାକୁ ଯେ ନାଟୁ ଯେନା ଫାନ୍ଦ
କରନାହିଁ ତାହା ନୁହେଁ, ତେବେ ପକ୍ଷୀ ଧରା ଦେଇ ନଥିଲ ।

ଯାହାହେଉ ଏତେ ଗୁଡ଼ିଏ ଗୋରୁ, ମହିଷି, ଦେଖି ନାଟୁ ଯେନାର
ଲୋଭ ମଧ୍ୟ ବଳି ପଡ଼ିଲ । ପହଲ କହିବା ପୂର୍ବରୁ, ସେ କହି ବସିଲ "କ'ଣ
କି ସରଦାର ପୁଅ, ତୋ ପାଇଁ ଜାମିନ ହେବା କଥା କହୁଛ ? ମୋରତ
ସେଇ କାମ, ଲୋକେ ମୋ ଅଞ୍ଚଳରୁ ମୋତେ ନିର୍ବାଚିତ କରିଛନ୍ତି, ମୁଁ
ତାଙ୍କର ସେବା କରିବି ବୋଲି । ହେଉ, ହେଉ, ଭାବନା କରନା' ତେବେ
ଗୋରୁ ମହିଷିମାନ ମୋ ଜିମାରେ ରହିଲ, ତୁ ଟଙ୍କା ମୋତେ ଦେଇ ଦେଲେ
ମୋ'ଠାରୁ ନେଇ ଯିବୁ ।"

ପହଲ ଭିତରଟା ନିଆଁ ଲଗିଲଭଳି ହେଉଥାଏ ତାକୁ ଦେଖି । ମାତ୍ର
କ'ଣ କରିବ ? ଅଗତ୍ୟା ହଁ ମାରିଲ ।

ନାଟୁ ଗୁମାସ୍ତା ସହିତ କଥା କହୁଁ କହୁଁ ତେଣେ ପିଅନ ରିପୋର୍ଟ
ଲେଖିଲେଣି । ନାଟୁର ଆଖି ପଡ଼ିଲ ରିପୋର୍ଟ ଉପରେ । ଯେଉଁ ମହିଷି
ଶହେ ଟଙ୍କା ହେବ ତାକୁ ପଚିଶ ଟଙ୍କା ଲେଖ, ଯେଉଁ ଗାଈ ତିରିଶ ଟଙ୍କା
ହେବ ତାକୁ ଦଶଟଙ୍କା ଲେଖ ବୋଲି ବତାଇ ଦେଲ ପିଅନକୁ । ପିଅନ ମଧ୍ୟ
କହିଲ, "ଠିକ କଥା, ଆନୁମାନିକ ମୂଲ୍ୟ, କମ ବେଶି ହୋଇ ପାରେ ।'

ଦୁଇଗୋଟି ମହିଷି, ଦୁଇଗୋଟି ବଳଦ ଯାହାର ଦାମ ବର୍ତ୍ତମାନ ଜାରରେ ପାଞ୍ଚଶହ ହେବ ତାହା ଏକଶହ ଲେଖିବାକୁ ପିଅନ ମଧ କୁଣ୍ଠା-ବୋଧ କଲା ନାହିଁ । ଗାଈ ଗୃରଗୋଟି, ଛେଳି, କଂସାବାସନ, ସର୍ବମୋଟ ଇଶହ ଟଙ୍କା ଜାମିନ ଲେଖାଇ ନେଲା, ପିଆଦା ନାଟୁ ଯେନାଠାରୁ ।

ନାଟୁ ଯେନା ନଜେ ଉଠିଯାଇ ଗୋରୁ ବଳଦ, ମହିଷି, ଛେଳି, ଂସା, କବାଟ ଗଣିନେଲା । ପହଲାକୁ କହିବାରେ ପହଲା ନଜ ହାତରେ ୍ଣ୍ଟମାନଙ୍କରେ ଗୋରୁ ଇତ୍ୟାଦ ବାନ୍ଧି ଦେଇ ଆସିଲା ।

ପହଲା ଭାବୁଥାଏ କ'ଣ, କଛି ଜଣା ଯାଉ ନଥାଏ । କେବଳ ତାର ାଖିରୁ ଦୁଇଟୋପା ଲୁହ ବହି ଆସିଲା । ନାଟୁ ବାବୁ ଦେଖି କହିଲେ କାନ୍ଦୁଛୁକି ପହଲା, ଇଏ ସେବାତ ତୁମରମାନଙ୍କ ପାଇଁ । ତୁ ଟଙ୍କା ଦେଇ ାସିଲେ ସବୁ ସଙ୍ଗେ ସଙ୍ଗେ ନେଇଯିବୁ । ଆଉ ତୋର ବନ୍ଧୁକୁ ସଙ୍ଗରେ ଦନ ଆସିବୁ । ମୋ ଉପରେ ଗୋଟେ ରାଗ ଅଛି ତାର, ସେ ମଧ ଦେଖି-ବ ଯେ ନାଟୁ ଯେନା କପର ତା ପାଇଁ କନ୍ଦାପଡ଼ୁଛି ।"

ଏତକ ଶୁଣି ପହଲା ଦେହ ଜଳି ଗଲାପରି ଲାଗିଲା । ସେ ଆଉ କଛି କହି ଗୃଲଗଲା ସେଠାରୁ ।

ନେମୀ ଗୃତକ ପକ୍ଷୀ ଭଳି ତାର ସେହି ଘରଠାରେ ବସି ଅନାଇ ହିଥାଏ ପହଲା ଆସିବା ବାଟକୁ । ପହଲା ପହୁଞ୍ଚି କଛି ନଖାଇ ନେମୀକୁ ହିଲା ଧାନତକ ସାହୁବୁଢ଼ା ଖଟିକି ବହି ପକାଇବା ପାଇଁ । ଘର ଆଗରେ ଗୋଟିଏ ତାଟି ବାନ୍ଧିଦେଇ, ବହି ପକାଇଲେ ଧାନତକ ବୁଢ଼ା ରାମ ସାହୁ ଟିକି ।

ରାମ ସାହୁ ବୁଢ଼ା ସରକାରଠାରୁ ଲାଇସନସ୍ କରିଛି ଧାନ କଣିବା ାଇଁ ବହୁବର୍ଷର ଖଟି ବୁଢ଼ାର । ତାଠାରେ ବହୁପ୍ରକାର ଓଜନମାନ ଅଛି । ଉଁ ଓଜନ କମତ, କଉଁ ଓଜନ ବେଶି । ଲୋକ ଦେଖି କାମ କରେ ସେ ।

ପଇସାଟଙ୍କାର ଅଭାବ ନାହିଁ ତାର । ତଥାପି ବୁଢ଼ାକୁ କେହି ଆଣ୍ଠୁଭଳାକୁ ସଫା ଧୋଇ ପିନ୍ଧିବାର ଦେଖି ନାହାନ୍ତି । ଖଣ୍ଡେ ଗାମୁଛା ପିନ୍ଧା, ଅନ୍ୟ ଖଣ୍ଡେ ଦେହରେ ନଷ୍ଟପ୍ରାୟ ଥାଏ । ସମୟ ଅସମୟରେ କେଉଁଠାକୁ ବାହାରଲେ ବୁଢ଼ା ପେଡ଼ୀରୁ ଲୁଗା ବାହାରକର ପିନ୍ଧି ଯାଏ, ପୁଣି ଫେର ଆସି ଯଥା ସ୍ଥାନରେ ରଖିଦିଏ ।

ବୁଢ଼ା ଘରେ ଦୁଇ ବର୍ଷରେ ଗୃର ବର୍ଷରେ ଥରେ ଡକାପ୍ରୟତ ହୁଏ । ପାଞ୍ଚହଜାର ଲୁଟି କର ନେଇଗଲେ, ପାଞ୍ଚଶହ ଚୋର ହେବାର ପୋଲିସ ବାବୁମାନଙ୍କୁ ଜଣାଇ ଥାଏ । ନାତ, ନାତୁଣୀ, ପୁଅ, ବୋହୂ ଯେନ ବୁଢ଼ା ବଡ଼ ବ୍ୟସ୍ତ । ମୁଢ଼ି ଛଡ଼ା କେହି ଯଦି ବିଶ୍କୁଟ କେବେ ଖାଇଛୁ, ବୁଢ଼ାର ସେଦିନ ଉପବାସ । ଉଖୁଡ଼ା ଖାଅ, ଗୁଡ଼ ଖାଅ, ଏହି ଦୁଇ ଦ୍ରବ୍ୟ ଛଡ଼ା ବୁଢ଼ାକୁ ଆଉ କିଛି ଜଣା ନ ଥାଏ । ବାଡ଼ିରେ ପନ ପରିବାର ହାଟ ବସାଇଛୁ ସାହୁ । ପୋଖରୀ ଦୁଇଟା କାଟି ସେଥିରେ ମାଛ ରଖିଛୁ । ବାବୁଭଦ୍ରମାନେ ଆସିଲେ ସେମାନଙ୍କର ଚର୍ଚ୍ଚା ନିମନ୍ତେ । ଖଣ୍ଡେ ଗୃହଳଘର ବାହାର କର ସେଥିରେ ଦୁଇଟା ଦଉଡ଼ିଆଖଟିଆ ପକାଇ ରଖିଛୁ ବାବୁମାନେ ବସିବା ଶୋଇବା ନିମନ୍ତେ ।

ନେମୀ, ପହିଲି, ଦୁଇଜଣଙ୍କର ଧାନ ଗୁହା ଦେଖି ବୁଢ଼ା ଠଉରେଇ ନେଇଛୁ ଯେ ଗୋଟେ କ'ଣ ଜରୁର ଦରକାର ଏମାନଙ୍କର ପଡ଼ିଛୁ ବୋଲି । ବୁଢ଼ା ଜାଣିଶୁଣି ନ ଜାଣିଲା ପରି ସରଦାର ବୋହୂ ଓ ପୁଅଙ୍କୁ ଡାକି ଧାନତକ ବର୍ତ୍ତମାନ ନ ବିକିବାକୁ ଉପଦେଶ ଦେଲା । କାରଣ ଦେଖାଇ ବୁଢ଼ା କହିଲା ଯେ ଧାନଦର ଖସି ଯାଇଛୁ । ହାତରେ ବର୍ତ୍ତମାନ ଟଙ୍କା ନାହିଁ ଇତ୍ୟାଦି ଇତ୍ୟାଦି ।

ପହିଲି ତାର ଆଜିକାର ଘଟଣାମାନ ସବୁ ମୂରବି ବୁଢ଼ା ଆଗରେ କହିଗଲା । ଆଜି ଟଙ୍କା ନ ଦେଲେ ତାର ପ୍ରାଣର ଗୋରୁ ମଇଁଷି ନ ଖାଇ ମରିଯିବେ ବୋଲି କହିଲା । ପହିଲି ତା ବାପ ଅମଳରୁ କେବଳ ସେହି ଖଟିରେ କାରବାର କର ଆସିଛୁ । କେବେ ଧୂଳି ଅଛୁ, କେବେ ଓଦା ଅଛୁ

ାନା ବାହାନାରେ ବୁଢ଼ା ମହଣରେ ନଷ୍ଟସ୍ୱ ପ୍ରଚଳିତ ଦର ଠାରୁ ଆଠଅଣା ାଟିବାର ଅଭ୍ୟାସ ରଖିଛି । ତହିଁ ସଙ୍ଗେ ସଙ୍ଗେ ଯେତେ ପୁରୁଣା ଧାନ ହିଲେ ମଧ୍ୟ ମହଣରେ ତିନିସେର ସୁଦ୍ଧି ନେବ ଓ ତା ସାଥିକୁ ପୁଣି ଏକ ସେର ଧର୍ମ ବୃତ୍ତି ନଷ୍ଟସ୍ୱ ନେବ ଗରିବ ଚାଷୀମାନଙ୍କ ଠାରୁ । ପଚାରିଲେ ଢ଼ା କହେ "ଆରେ ବାପା ! ବୁଝିଲ ନାହିଁ, ସରକାର ଚାକିରିଆ ଲାଞ୍ଚ ନେବେ ଏଠାରେ ବସି ଖାଇବେ, କେଉଁଠୁ ଦେବ ? ଖୁଆଇବାଟା କ'ଣ ର୍ମ ନୁହେଁ ? ଯାହାହେଉ ବୁଢ଼ା କଥାରେ ଯେ କିଛି ମାରପେଞ୍ଚ ଅଛି କଥା ନିରୀହ, ଗରିବ, ଚାଷୀମାନଙ୍କୁ ଜଣା ନ ଥାଏ । କଥା କଥାକେ ାଗବତରୁ ପଦେ ଅଧେ ବୁଢ଼ା ମୁହଁରୁ ବାହାରି ପଡ଼େ । ଦରକାର ପଡ଼ିଲେ ାମାୟଣ ମହାଭାରତରୁ ଦୁଇକଥା କହି ଲୋକଙ୍କୁ ବୁଝାଇ ଦିଏ । ହୁଁ ଥାରେ ଧର୍ମର ସାକ୍ଷୀ ସେ ଦେଉଥାଏ ।

ହାୟ ଭଗବାନ, ନିଜର ଅର୍ଥ ବଢ଼ାଇବା ପାଇଁ ଲୋକଙ୍କୁ ଧର୍ମର ାହି ଦେବା କେବଳ ଏହି ଦେଶରେହିଁ ସମ୍ଭବ ହୋଇଛି ।

ବୁଢ଼ା ଆଗରୁ ପହିଲିଠାରୁ ସବୁ କଥା ଶୁଣିଥିଲା । ପହିଲି ସହିତ ମବେଦନା ଜଣାଇ କହିଲା "ସରଦାରପୁଅ ଦେଶଟା ଓଲଟିଗଲା । ଆମେ ଣୁଥିଲେ ବ୍ରିଟିଶ ସରକାର ଯିବ, ଦେଶରେ ସୁଖ ଭୋଗକରିବେ ଲୋକେ । ାହିଁ କିଛିତ ହେଲା ନାହିଁରେ, ସବୁ ଭଗବାନଙ୍କର ଇଚ୍ଛା । ଏ ଦେଶରୁ ମିଦାରୀ ଯିବ ବୋଲି ବାବୁମାନେ କହି କହି ଜମିଦାରୀ ଗଲା, କିନ୍ତୁ ଚାଷୀଙ୍କ ୁଃଖ ଘୁଞ୍ଚିଲା ନାହିଁ । କ'ଣ କରିବା ବାପ, ଧାନଦର ଆଠଟଙ୍କା ସରକାର ର ଦେଇଥିଲା, ଦର ଖସିଗଲାରୁ ଛ'ଟଙ୍କା ବାରଅଣା ଦରରେ ଫରଦ ହେଲଣି" ।

ଏ କଥା କହିବାର ତାତ୍ପର୍ଯ୍ୟ ପାଠକେ ବୁଝି ପାରୁଥିବେ । ଲୁହା ଗରମ ବେଳେ ତାକୁ ଯେପରି କରିବ ସେପରି ହେବ । ଏ କଥା ସାହୁ ଢ଼ାକୁ ବେଶ ମାଲୁମ । ଏଇ କାରବାରରେ ବୁଢ଼ା ହେଲାଣି ସେ ।

ପହିଲି ନେମୀ ଦୁହେଁ ସାବଧାନ ଲାଗି ଧାନ ବୋହି ପକାଇଲେ ଖଟିକୁ । ଢ଼ାର ମାପ କଥା ଆଗରୁ କହି ରଖିଛୁଁ, ବୁଢ଼ା ଡାକ ଦେଲା "ଆରେ

ଦେଉଳା ! ବଡ଼ ମାଉସୀକୁ ଡାକ" । ଅର୍ଥାତ ତାର ଚାକର ଦେଉଳାକୁ କହିଲା ଯେଉଁ ମହଣ ଦେହରେ ସୀସା ଭର୍ତ୍ତିକରି ଓଜନ ବୃଦ୍ଧି କରାଯାଇଛି ସେହିଥିରେ ମାପିବାକୁ ।

ଧାନ ଓଜନ ଚାଲିଲା । ବୁଢ଼ା ମାରୁଆଡ଼ିମାନଙ୍କଠାରୁ କିଛି ଶିକ୍ଷା କରିଛି । ସେଥିପାଇଁ ଗୋଟେ ପକା ଖାତା, ଆଉ ଗୋଟେ କଞ୍ଚା ଖାତା ଦୁଇଟି ରଖିଛି ସେ । ଯାହାହେଉ ହିସାବ ଅବା ଦେଖିଛି କିଏ, ସୁଧ, ବାଡ଼ି, ଧର୍ମ ବାଡ଼ି କାଟିନେବା ବାଦ ସାହୁ ବୁଢ଼ା ହିସାବ କରି ଶୁଣାଇ ଦେଲା ଯେ ମୋଟରେ ଏକଶତ ଛପନ ଟଙ୍କା ଛନଅଣା ହେଲା ।

ପହଲର ଭାଷା ନାହିଁ କହିବାକୁ କିଛି । କେବଳ ଏତିକି କହିଲା "ସାନ୍ତେ ଗଲା ଦୁଇମାସ ତଳେ ଏହାଠାରୁ ଅଧେ ଧାନ ଦେଇ ଯାହା ପାଇଥିଲୁଁ, ତାହାବି ଏଥର ହେଲା ନାହିଁ ।"

ବୁଢ଼ା କହିଲା "କ'ଣ କହିବ ବାପା, ତୁ ତ ଗାଁ ଛୁଆ, ମୋର ଧର୍ମକଣ୍ଟା, ଏଥିରେ କିଛି କହିବାର ନାହିଁ, ତେବେ ଦରଥିଲେ ଆଉ କିଛି ବେଶି ହୋଇଥାନ୍ତା ।

ନେମୀ ଓ ପହଲ ଗାଣ୍ଡିଆରେ ଟଙ୍କାତକ ପୁରାଇ ଭାର ଇତ୍ୟାଦି ଧରି ଫେରି ଆସିଲେ ଘରକୁ । ସ୍ୱାମୀ ସ୍ତ୍ରୀ ଦୁହେଁ ବସି ରାତିରେ ବିଚାରିଲେ, କପରି ହାକିମ ଆଗରେ ଟଙ୍କା ଦେଇ ତାଙ୍କର ଗୋରୁ, ମଇଁଷି, ଇତ୍ୟାଦି ମୁକୁଲାଇବେ । ନାଟୁ ଯେନା ହାତରେ ଟଙ୍କା ଦେବାକୁ ଉଭୟେ ନାରାଜ । ତେଣୁ ଦଶପାଞ୍ଚଖଣ୍ଡ ଗ୍ରାମରେ ମାମଲାବାଜ୍, ଜଣେ ବଡ଼ ଚତୁର କୌଶଳପୂର୍ଣ୍ଣ ଲୋକ ଗ୍ରାମ ପଞ୍ଚାୟତ ଅଛି । ଗାଁ ରେ ଯାହାର ଯାହା ମାମଲା ହୁଏ ଗ୍ରାମ ପଞ୍ଚାୟତ ଦେଖାଶୁଣା କରେ, ଏ କଥା ନେମୀକୁ ଖବର ଥିଲା ।

କାରଣ ଗ୍ରାମରେ କୌଣସି ମାମଲା ହେଲେ, ମକଦ୍ଦମା ହେଲେ, କିମ୍ବା ରାଜନୀତି କରିବାକୁ ହେଲେ ପ୍ରଥମେ ପୂଜା ପାଉଥାନ୍ତି ଏଇ ଗ୍ରାମ ପଞ୍ଚାୟତ ଭଳି ଲୋକ । ଏମାନଙ୍କୁ ଆପଣମାନେ ଗାଁ ମୁଖିଆ କୁହନ୍ତୁ, ଟାଉଟର

ହନ୍ତି, ଦେଶସେବୀ କୁହନ୍ତି ଏମାନଙ୍କୁ ଛାଡ଼ି କାମକରି ନ ହେଉଛି ବୋଲି ମାଜର ଏହି ଦୁରବସ୍ଥା ।

ଏଇମାନଙ୍କର ମରଜି ଉପରେ ଶିକ୍ଷିତ ଓକିଲ ମୋକ୍ତାର, ସରକାରୀ ଲ ମଧ୍ୟ ଏମାନଙ୍କ କୌଶଳ ଓ ପ୍ରଭାବରୁ ବାଦ୍ ଯାଇନାହାନ୍ତି । ଯିଏ ଯେତେ ମଲା ମକଦ୍ଦମାରେ ଯିବା ଆସିବା କରେ, ସେ ଗ୍ରାମର ଲୋକଙ୍କ ଚକ୍ଷୁରେ ସେତେ ବୁଦ୍ଧିମାନ୍ । ସମସ୍ତେ ତାହାରଠାରୁ ପ୍ରଥମେ ଉପଦେଶ ନିଅନ୍ତି । ଜେ ଓକିଲ ମୋକ୍ତାର ଭଳି ସଲାମୀ ନେଇ, ଡାକ୍ତର ରୋଗୀକୁ ପୁଷ୍ଟି ହସ ଦେଲାପରି, ବିପଦଗ୍ରସ୍ତ ଗ୍ରାମର ଲୋକମାନଙ୍କ କାମ ତୁଲାଇ ଦିଅନ୍ତି । ଉଁ କ୍ଷେତ୍ରରେ ହାର ହୋଇଥାଏ, ଆଉ କଉଁ କ୍ଷେତ୍ରରେ ଜିତ୍ ମାରି ଅନ୍ତି ।

ପହିଲି ଓ ନେମୀକୁ ପଞ୍ଚାଏତ ନିଜ ଦ୍ୱାରେ ଦେଖି କହି ପକାଇଲା ସରଦାର ଘର ପୁଅ ବୋହୂ କିପରି ଆଜି ମୋ ଦ୍ୱାରେ ? ଦିନେ ହେଲେତ ଗାଁରେ କାହାର ଦୁଆରେ ଛିଡ଼ା ହେବାର ଦେଖି ନାହିଁ ତୁମ ଦୁହିଁଙ୍କୁ ? ଆଜି କ'ଣ.....।"

ଭୀମ ପଞ୍ଚାଏତ ଯେ ଆଗରୁ ପହିଲି ଘର ନୋକ କଥା ଜାଣି ନ ଥିଲା ତାହା ନୁହେଁ, କିନ୍ତୁ କାଁଅଳ ବଚନ ଦେଇ ସେମାନେ (ଭୀମ ଭଳି ଲୋକେ) ପେଟ ପୋଷୁଛନ୍ତି । ସେଇଥିପାଇଁ କାଁଅଳ ଭାଷାଦେଇ ସରଦାର ପୁଅକୁ ମନ୍ତ୍ର-ମୁଗ୍ଧ କରିଥିଲା ।

ମଢ଼ା ପଡ଼ିଲେ ଯେପରି ଶାଗୁଣି ପକ୍ଷୀଙ୍କୁ ମାଲୁମ ହୁଏ, ମାମଲା କିମ୍ବା ଗୋଳ ଲଗିଲେ ଭୀମ ପଞ୍ଚାଏତ ଭଳି ଲୋକଙ୍କୁ ଦେଖାଯାଏ । ତେବେ ଫରକ ଏତିକ ଯେ ଶାଗୁଣି ପକ୍ଷୀ ମଢ଼ା ନିକଟକୁ ଯାଏ, ମାତ୍ର ମଢ଼ା ଏଠାରେ ଶାଗୁଣି ପାଖକୁ ଆସେ ।

ନେମୀ ପହିଲିକୁ ଆଗରୁ ଯେ କଚରୀକୁ ଯିବାକୁ କହିନାହିଁ ତାହା ନୁହେଁ, ମାତ୍ର ପହିଲି ବଗୁରୀ କେବେ ହେଲେ ସରକାରୀ ରେଳ ପର୍ଯ୍ୟନ୍ତ ଚଢ଼ି ନାହିଁ ।

ଛତର ଖାଇବାକୁ ଆସିଲା ବେଳେ ସେ ଦେଖିଥିଲା ବଡ଼ ବଡ଼ ବଟ ଗଛ ତଳେ କଚେରୀ ହୁଏ । ଆଉ ସବୁ ଧୋବ ଧୋବଲିଆ ବାବୁମାନେ ସେଠାରେ କୁକୁର ଆହାର ଅନ୍ୱେଷଣ କଲା ଭଳି କେହି କାହାରିକୁ ନ ଗୃହିଁ ନିଜ ନିଜର କାର୍ଯ୍ୟରେ ବ୍ୟସ୍ତ ଦେଖିଛି ସେ । ତେଣୁ କିଏ ଅବା ହାକିମ, କିଏ ଅବା ଓକିଲ କିପରି ଜାଣିବ ସେ ? ତେଣୁ ପହଞ୍ଚିଛନ୍ତି ଗ୍ରାମ ପଞ୍ଚାଏତ ଦ୍ୱାରେ ।

ପହଲି କାକୁତି ହୋଇ ହାତଯୋଡ଼ି ସବୁ କହିଗଲା । ଜମିଦାର କିପରି ଅଟକଳରେ ପକାଇଛି ସେ କଥା ସବୁ ଶୁଣାଇବା ପରେ ଟଙ୍କା କିପରି ଦାଖିଲ ହେବ ସେକଥା ପାଇଁ ଆସିଥିବାର ପ୍ରକାଶ କଲା । ଗ୍ରାମ ପଞ୍ଚାଏତ ସବୁଶୁଣି କହିଲା, "ମୁଁ ତ ଅନ୍ଧାରରେ ଆଲୁଅ ଦେଖେଁ । ତେବେ କାମଟା ବିଶେଷ କିଛି ନୁହେଁ, ପଇସା କିଛି ଖର୍ଚ୍ଚ ହେଇଯିବ । କାରଣ ବିନା ପଇସାରେ ହାଟକୁ ଯିବା ଯେପରି ନଥିଲି, ସେହିପରି ବିନା ଟଙ୍କାରେ ବାଲେଶ୍ୱର କଚେରୀ ଯିବା ନଥିଲି ।"

ଗ୍ରାମବାବୁ ଗୋଟିଏ ଟଙ୍କା ସଲାମୀ ନେଇ ତହିଁଆର ଦିନକୁ ଆସିବାକୁ କହିଲେ । ପୁଣି କହିଥିଲେ ଯେ ଗାଡ଼ି ବେଳ'ବେଲା ଯିବ । ପୁଣି ଏତେ ରାସ୍ତା ଚାଲି ଚାଲି ଯାଇ ଗାଡ଼ି ଧରିବାକୁ ହେବ । ତହିଁ ଆରଦିନ ସୂର୍ଯ୍ୟ ଉଦୟ ପୂର୍ବରୁ "ନେମୀ ପହଲି ଗ୍ରାମ ପଞ୍ଚାଏତଙ୍କ ସାଙ୍ଗରେ ଯେନି ଚାଲିଲେ ଟଙ୍କା ଦାଖଲ କରି ତାଙ୍କର ଗୋରୁ ମଇଁଷି ମୁକୁଳିବା ପାଇଁ ।"

ବାଲେଶ୍ୱର କଚେରୀରେ ପହଞ୍ଚିଲା ଠାରୁ ଫେରିବା ଯାକେ ହୁଁ କଥାରେ ପଇସା ଦେଇ ଦେଇ ପହଲି, ନେମୀର ଆଖି ଖୋଲି ଗଲାଣି । ହୋଟେଲ, ପେସ୍କାର, ଓକିଲ, ଚପରାସି, ପିଅନ, ମହୁରିର ଏହିପରି ଖୁସିନାମା ଦେଇ ଦେଇ ଘରକୁ ଆସିଲା ବେଳକୁ ପହଲି ହାତରେ ଚଉଦଅଣା ମାତ୍ର ପଇସା ଥାଏ । ଗ୍ରାମବାବୁ ଟଙ୍କା ଏକାଦିନକରେ ଦାଖଲ କରି ଦେଇଥିବାରୁ ନିଜକୁ ବାହାଦୁର ଦେଉଥାଏ ସେମାନଙ୍କ ଆଗରେ । ଏମାନଙ୍କର ତ କମର ଫାଙ୍କ, ଗ୍ରାମ କଥାକୁ ଆଉ କାନ ନଥାଏ ।

—ଅଠେଇଶି—

ଗାଁ କୁ ସମସ୍ତେ ଏକା ସାଙ୍ଗରେ ଫେରିଲେ । ବାଟରେ ପହିଲି ଶୁଣିଲି ଯେ ନାଟୁ ଯେନା ଦାରୋଗାବାବୁଙ୍କ ସାହାଯ୍ୟରେ ଗୋରୁ ମହିଷି ସବୁ ବନ୍ଦୀକରି ଦେଇ ହଜି ଯାଇଥିବାର ଗୋଟିଏ ଇତାଲା ଦେଇ ଦେଇଛି । ଦାରୋଗାବାବୁ ମଧ୍ୟ ଗୋଟାଏ ଅଣ୍ଡିରା ଛେଳି ଭୋଜି ପାଇଁ ନେଇ ଗାଁ କୁ ଆଉ ତଦାରଖ କମନ୍ତେ ଆସି ନାହାନ୍ତି । ଗୋରୁ, ମହିଷିମାନଙ୍କୁ ଜମାଦାର ନାଟୁ ଯେନା ବକି ଏକହଜାର ଟଙ୍କା ପାଇ ଗ୍ରୁଢ କୁଣ୍ଢେ କରିଛି । ନାଟୁ ଜଣେ ମାମଲତକାର ଲୋକ, ଟଙ୍କା ଦାଖଲ କଥା ଶୁଣି ଧାଇଁଲା ବାଲେଶ୍ୱର କଚେରୀକୁ । ମୂର୍ଖ, ସା’ନ୍ତାଲ ଲୋକ ପହିଲି । ନାଟୁ ଯେନା ବୁଦ୍ଧି ପାଖରେ କେତେ ଲୋକ ହାର ମାନନ୍ତି, ଆଉ ଖ୍ରୀମାଟାକୁ କି ନାଟୁ ଗଣିବ ମାମଲତକାର ହିସାବରେ । ବଡ଼ ବଡ ଓକିଲ, ଅମଲା, ମୋକ୍ତାର ନାଟୁ ଯେନା କଥାରେ ଚଳନ୍ତି । ଅମଲାମାନେ ପଇସାଠାରୁ ଘିଅ ପର୍ଯ୍ୟନ୍ତ ନାଟୁଠାରୁ ନିଅନ୍ତି । କଚେରୀ ଆସିଲେ ଦଶ ଜଣଙ୍କୁ ଦଶଟି ମକଦ୍ଦମା ଯୋଗାଇ ଦିଏ ନାଟୁ । ଏଣେ ଭଲ ଭାବରେ ବୁଝିଛି ଯେ ସେ ଜମାଦାର ହିସାବରେ ସମସ୍ତ ଗୋରୁ, ମହିଷି ଫେରାଇବାକୁ ଦାୟୀ ହେବ ।

କଚେରୀରେ ପେସ୍କାର ଠାରୁ ଆରମ୍ଭ କରି ପିଅନ ପର୍ଯ୍ୟନ୍ତ ହାତରେ ରଖି ଆଲି ଚଳାଇବାକୁ ଲାଗିଲା ନାଟୁ ଯେନା ।

# ଛଅ

ଏହି ମଧ୍ୟରେ ଭୋଟ ପାଳି ଲାଗିଲା । ଗାଁ କୁ ଗାଁ ଗଣତନ୍ତ୍ର ଦଳବାଲା, କଂଗ୍ରେସବାଲା, ସମାଜବାଦୀବାଲା ନିଜ ନିଜର ନୀତି ବଖାଣି ଚାଲିଛନ୍ତି ।

କିଏ କହେ, ତାଙ୍କ ସରକାର ହେଲେ ଘିଅ ମହୁର ନଦୀ ସେହି ଠାରେ ବୁହାଇ ଦେବେ, ଅର୍ଥାତ ଲୋକଙ୍କର ମୌଳିକ କଥା ଯେ ଭଲ ପୁଷ୍ଟିକର ଖାଦ୍ୟ ଖାଇବାକୁ ସରକାର ଯୋଗାଡ଼ କରିଦେବେ ।

ଅନ୍ୟ ଦଳକ ବଖାଣୁଥାନ୍ତି ଯେ ତାଙ୍କ ସରକାର ପ୍ରତିଷ୍ଠା ହେଲେ ଦୁର୍ନୀତି ରହିବ ନାହିଁ, ରାମରାଜ୍ୟ ହେବ ବୋଲି ।

ଆଉ ଦଳକ କହୁଥାନ୍ତି ଯେ ତାଙ୍କ ରାଜ୍ୟ ପ୍ରତିଷ୍ଠା ହେଲେ ଗରିବ ବୋଲି କେହି ରହିବେ ନାହିଁ ।

ଯିଏ ଯାଉ, ସେହି ଗାଁ ମାମଲତକାର କିମ୍ବା ଟାଉଟରଙ୍କୁ କିପରି ହାତ କରିବ ସେଥିପାଇଁ ବ୍ୟସ୍ତ । ଦେଶ ଗଲକେତେ ରହିଲା କେତେ, ମୁଖିଆମାନେ କିନ୍ତୁ ଫାଇଦା ଓ ଟଙ୍କା ପଛରେ । ଯିଏ ଯାହା କହିଯାଉ ସବୁ ଶୁଣନ୍ତି, ମୁଣ୍ଡ ଟୁଙ୍ଗାରନ୍ତି, ବାବୁମାନେ ଗଲେ ରାତିଏ ଅଧେ ଖୁଆଇ ପିଆଇ ଗୁଡ଼ି ଦିଅନ୍ତି । କିନ୍ତୁ ଗୋଟିଏ ପ୍ରଶ୍ନ କେତେ ମିଳିବ ? ସେହି ଦୃଷ୍ଟିରୁ ଗ୍ରାମର ଲୋକମାନଙ୍କୁ ହାତରେ ରଖିବାକୁ ହେବ । କେଉଁଠି ଆଖଡ଼ା କରି, କଉଁଠି

କୀର୍ତ୍ତନ ଦଳ କରି, କଉଁଠି ହରିହାଟ କରି, ଶେଷେ ଗଞ୍ଜା ଆଡ଼ା କରି ମଧ୍ୟ ଲୋକଙ୍କୁ ହାତରେ ରଖିବାର ଚେଷ୍ଟାରେ ଲାଗିଥାନ୍ତି । ପଞ୍ଚାୟତ ଗୋଟେ ହୋଇଛି, ସବୁ କ୍ଷମତା ଗ୍ରାମର ତାଙ୍କର ହାତରେ, କିନ୍ତୁ ଭୋଟ ଖଣ୍ଡିକ ଲୋକଙ୍କ ହାତରେ ଥିବାରୁ ଲୋକମାନଙ୍କୁ ସନ୍ତୁଷ୍ଟ କରିବାକୁ ହେବ । ତେଣୁ ଗାଁ ଠାଉଟରମାନେ ଦେଶ ସେବକ ଆଖ୍ୟା ଦେଇ ବୁଲୁଛନ୍ତି । ଲୋକଙ୍କୁ ହାତ ମୁଠାରେ ରଖିବା ପାଇଁ ନାନା ଫାନ୍ଦ ପାଶ ରଖିଛନ୍ତି ସେମାନେ । ଲୋକେ ଖସିଗଲେ କେହି ପଚାରିବେ ନାହିଁ ସେମାନଙ୍କୁ, ତେଣୁ ଟଙ୍କା ଆସିବ କିପରି ସେମାନଙ୍କ କମରକୁ ?

ବର୍ତ୍ତମାନ ଗ୍ରାମରେ ଲାଗିଛି ଚାରିଆଡ଼େ ପଞ୍ଚାୟତ କରି ନାନାପ୍ରକାର ମନୋମାଳିନ୍ୟ ଦୂରକରିବା । ଲାଗିଯାଇଛନ୍ତି ଠାଉଟର ବନାମ ଦେଶସେବୀମାନେ । ଆମ ନାଟୁ ସେନା, ଗ୍ରାମ ପଞ୍ଚାଏତ ସେଥିରୁ ବାଦ ଯାଇନାହାନ୍ତି । କେଉଁଠାରେ ପୋଲିସଦ୍ୱାରା, କେଉଁଠାରେ ଅବା ଜିଲ୍ଲାବୋର୍ଡ଼ ମାଷ୍ଟରଙ୍କ ଦ୍ୱାରା, କେଉଁଠି କେଉଁଠି ଗୁଣ୍ଡମାନଙ୍କ ସାହାଯ୍ୟରେ ଲୋକଙ୍କୁ ଭୁଲାଇ ଆପୋଷ କରିବାର ଚେଷ୍ଟା ଚାଲିଛି । ସବୁ କଥାକୁ ତୁରନ୍ତ ନିଷ୍ପତ୍ତି କରି ଲୋକମାନଙ୍କୁ ହାତରେ ରଖିବା ଭୋଟ ବ୍ୟବସାୟ ଦୃଷ୍ଟିରୁ ଏକ କାମ ହୋଇ ପଡ଼ିଛି । କେଉଁ କେଉଁ ଠାରେ ପୋଲିସ କର୍ମଚାରୀ ଦ୍ୱାରା ଚାପ ପକାଇ ତୁରନ୍ତ ନିଷ୍ପତ୍ତି କରାଯାଉ ଅଛି ।

ପହଲି ଦେଖିଲା ତାର ମଧ୍ୟ ଗୋଟେ ସୁଯୋଗ ଆସିଛି । ସେ ମଧ୍ୟ ଗାଁ ପଞ୍ଚାୟତଙ୍କଠାରେ ଫେରାଦ ହେଲା ନାଟୁ ସେନା ବିପକ୍ଷରେ । ଗାଁ ପଞ୍ଚାୟତ ସମ୍ମୁଖରେ ଯାଇ ପଞ୍ଚାୟତ ପାଉଣା ଦେଇ ନିଷ୍ପତ୍ତି ମାଗିଲା ।

କ'ଣ କରାଯାଏ । ସରପଞ୍ଚର ବୁଦ୍ଧି ହୁଡ଼ିଲା । ପହଲି ଯାହା ବିରୁଦ୍ଧରେ ଆପତ୍ତି ଆଣିଛି ତାକୁ ଛାଡ଼ିଦେଲେ ସରପଞ୍ଚର ବୁଦ୍ଧି ଶେଷ ହୋଇଯିବ । ପଞ୍ଚାୟତ ଚଳି ପାରିବ ନାହିଁ । ସଭ୍ୟମାନେ ପରାମର୍ଶ କରି, ପହଲି ପିଠିରେ ହାତମାରି ତାକୁ ପାଖକୁ ଡାକି ଭୁନ ଭୁନ କରି ବୁଝାଇ ଦେଲେ ଯେ, ବର୍ତ୍ତମାନ କନ୍ଦଦନ ଛାଡ଼ିଦେଇ ବିଚାର କଲେ ତାର

ନିଷ୍ପତ୍ତିରେ ଫଳ ଭଲହେବ ଓ ନ୍ୟାୟ ମିଳିବ । ପହଲି କିଛି ବୁଝି ପାରିଲା ନାହିଁ । ଶ୍ରେଷ୍ଠ ବ୍ୟାପାର ଗଡ଼ିଗଲେ ପଞ୍ଚାୟତଗଣ ଯାହା କରଦେବେ ସୁଦ୍ଧା କେହି ଆପତ୍ତି ଉଠାଇ ପାରିବେ ନାହିଁ, ଏ କଥା ପହଲିକୁ ଜଣା ନଥିଲା । ତେଣୁ ସେ ସରଳ ବିଶ୍ୱାସରେ "ହଁ" ଭରିଗଲା ସଭ୍ୟମାନଙ୍କ ସମ୍ମୁଖରେ ।

ଗ୍ରାମ ପଞ୍ଚାଏତ ଟଙ୍କା ଦାଖଲ କରି ଆସିଲା ଦିନଠାରୁ ପାଞ୍ଚମାସ ଗତ ହୋଇ ଚାଲିଣି । ଗ୍ରାମବାବୁ ଯେବେ ବାଲେଶ୍ୱର ଯା'ନ୍ତି ଏମାନଙ୍କୁ ସାକ୍ଷାତ କରି ତାଙ୍କର ପାଉଣା ନେଇଯାନ୍ତି । ପ୍ରତିଥର କହିରଖନ୍ତି ଯେ ଏଥିଥର ଗଲେ ମୁକୁଲିବା ହୁକୁମ କରାଇ ଆଣିବେ ।

ସୋମବାର ଦିନ ମହାଦେବଙ୍କୁ ପୂଜା ଦେବା ନିମନ୍ତେ ବ୍ରାହ୍ମଣମାନେ ଯେପରି ଗ୍ରାମରେ ଘରେ ଘରେ ବୁଲି ସ୍ତ୍ରୀ କିମ୍ବା ପୁରୁଷ ଲୋକଙ୍କଠାରୁ, ଦୁଧ, କଦଳୀ, ଚାଉଳ, ପଇସା ନେଇ କାହାର କ'ଣ ଠାକୁର ଠାରେ ଗୁହାରି ଅଛି ବୁଝିଯାଏ, ଗ୍ରାମ ପଞ୍ଚାଏତ ସେହିପରି ଗ୍ରାମମାନଙ୍କରେ କାହାର କ'ଣ କଚେରୀରେ କାମ ଅଛି ପଚାରି ବୁଝିଆସେ ଓ ନିଜ ପାଉଣା ଗଣ୍ଡାକ ପ୍ରତ୍ୟେକ-ଙ୍କଠାରୁ ଆଦାୟ କରିଆଣେ । ସେହି ସୁଯୋଗରେ ସେ ନେମୀ ପହଲିକୁ ଭେଟିଥାଏ । ଆଉ ଯାହାଠାରୁ ସେ ଯାହା ନେଉ, ନେମୀ, ପହଲିଠାରୁ ପ୍ରତିଥର ଚାରିଟଙ୍କା ଗଣିନେଉଥାଏ ।

ଗ୍ରାମ ପଞ୍ଚାଏତ କଚେରୀ ଆସି ଅମଲାଙ୍କୁ କିଛି ହାତଗୁଞ୍ଜା ଦେଇ ନଥି ବାହାର କରି ଦେଖେ ଯେ ନୋଟିସ ଜମାଦାର ଉପରେ ଯାଇ ଜାରି ନ ହୋଇ ପାରି ଫେରି ଆସୁଛି । ମୋଟେ ଜମାଦାର ଉପରେ ଲଗା ହୋଇ ପାରୁନାହିଁ ।

ନାଟୁ ଯେନା ନଥିର ଠିକ ଖବର ରଖିଥାଏ । ତାରିଖ ଦିନ ଆଗରୁ ପିଆଦାକୁ ସାକ୍ଷାତ କରେ, ଓ କଚେରୀରେ ଅମଲାକୁ ପଇସା ଦେଇ ଚାରିମାସ ସମୟ ଗଡ଼ାଇ ନିଏ । ଏଣେ ରିପୋର୍ଟ ଲେଖନ୍ତି ପିଅନବାବୁ । ତେଣେ ଅର୍ଡ଼ର ଲେଖନ୍ତି ନଥିରେ ପେସ୍କାରବାବୁ । ହାକିମ ମହାଶୟ ସେଥିରେ ମାରନ୍ତି ଦସ୍ତଖତ ।

—ବର୍ତ୍ତିକା—

ନୋଟିସ ଗଲେ ତାହା କାର୍ଯ୍ୟକାରୀ କରିବା କଥା । ତଦ୍‌ଭିନ୍ନ ଅନ୍ୟଥା ହେଲେ ପିଅନ ଅବହେଳା କମ୍ବା କର୍ତ୍ତବ୍ୟରେ ତ୍ରୁଟି ଯୋଗୁଁ ଦଣ୍ଡିତ ହେବେ । ମାତ୍ର ଅପରିହାର୍ଯ୍ୟ କାରଣ ଯୋଗୁଁ ସବୁରେ କ୍ଷମା ଅଛି ।

ଗ୍ରାମ ପଞ୍ଚାଏତ ଦେଖନ୍ତୁ ନଥିରେ ଯେ ପିଆଦା ପ୍ରତିଥର ଠିକ୍ ଭାବରେ କିଫିୟତ ଦେଖାଇ ଫେରସ୍ତ ଦେଉଛନ୍ତି । କେବେ ଲେଖା ହୋଇଥାଏ ଯେ ଆଜି ବନ୍ୟା ଯୋଗୁଁ ଯାଇ ପାରିଲୁଁ ନାହିଁ । କେବେ ଅବା ଲାଟସାହେବ ଭେଟି ଯୋଗୁଁ ଯାଇ ହୋଇନାହିଁ । ଏହିପରି ନାନା ବାହାନାରେ ଶେଷରେ ନ୍ତ୍ରୀ ମହାଶୟଙ୍କର ଡାକ ବଙ୍ଗଳାରେ ରହଣିବେଳେ ଅଣ୍ଡା ଯୋଗାଡ଼ ରିବାରେ, ନିଜ ଗୋଡ଼ରେ କଣ୍ଟା ମାଡ଼ି କ୍ଷତ ହୋଇଥିବା ବାହାନାରେ ହୁଥର ରିପୋର୍ଟ ଲେଖାହୋଇ ସମସ୍ତ ନଥି ହୋଇଅଛି । କୌଣସି କାର ନୋଟିସ ଜାରି ହୋଇ ପାରୁନାହିଁ । ଜାରିତ ଦୂରର କଥା, ସେ ମକୁ ନୋଟିସ ପହଞ୍ଚି ପାରିନାହିଁ ।

ପ୍ରତି ତାରିଖ ଗୃହମାସ ପାଞ୍ଚ ମାସରୁ କମରେ ପଡ଼େନାହିଁ । ଅର୍ଡ଼ର ଲେଖନ୍ତି ପେସ୍କାର, ଦସ୍ତଖତ ମାରନ୍ତି ହାକିମ । ଏଣେ କଳ ଚଳାଇଥାଏ ଟୁ ଯେନା ସମସ୍ତଙ୍କୁ ହାତ ମୁଠାରେ ରଖି ।

—ଭେଟଣି—

## ସାତ

ଏବେ ସରପଞ୍ଚ ବିଚାର କଥା ପଡ଼ୁ । ଭୋଟ ବେଳ ଗଡ଼ିଗଲାଣି ଦୁଇଟଙ୍କା ହାତ ପଇଠ କରିବାର ବେଳ ଚାଲିଗଲାଣି । ଆଉ ବର୍ତ୍ତମାନ ଗାଁରେ ମେଳ ରହିଲେ କେତେ, ନ ରହିଲେ କେତେ, ସେ ବିଷୟ କେହି ଦୃଷ୍ଟି ଦେଉନାହାନ୍ତି ।

ଆଜି ରବିବାର, ନାଟୁ ଯେନା କଚେରୀକୁ ବାହାରି ନ ଯାଇ ଘରେ ଥିବ । ତେଣୁ ଡାକରା ହୋଇଛି ପହିଲିକୁ । ଆଜି ନାଟୁ ଯେନା ବିପକ୍ଷରେ ପହିଲି ଫେରିଜ ହୋଇଛି । ଗାଁରେ ଲୋକ ଦେଖିଛନ୍ତି ଓ ଜାଣନ୍ତି ଯେ ପହିଲିର ଗୋରୁ, ମହିଷି ବନ୍ଦୀକଥା । କେତେ ଲୋକଙ୍କର କେତେ ସର୍ବନାଶ କରିଛି ନାଟୁ ଯେନା । କେହିହେଲେ ପଦେ ତା ବିରୁଦ୍ଧରେ ମୁହଁ ଖୋଲି ନାହାଁନ୍ତି । ତେଣୁ ସେଦିନ ବିଚାର ଦେଖିବା ନିମନ୍ତେ ଲୋକମାନେ ରୁଣ୍ଡ ହୋଇଥାନ୍ତି । ସଭାର ବର୍ଣ୍ଣନା ଦେଇ କିଛି ଲାଭନାହିଁ । ତେବେ ଦେଖିବା କଥା ଯେ, ଯାହାକୁ ନିଜେ ଏସ୍, ଡି, ଏମ୍ କଲେକ୍ଟର ସାହେବ ପର୍ଯ୍ୟନ୍ତ ନିର୍ଭର କରି ଲୋକଙ୍କ ଦରଖାସ୍ତ ଉପରେ ନିରପେକ୍ଷ ରିପୋର୍ଟ ମଗାନ୍ତି, ସେମାନଙ୍କର ବିଚାର ଦେଖିବା କଥା । ଅଦାଲତପଞ୍ଚ ମଧ୍ୟ ଗୋଟେ ବିଚାର ବିଭାଗ, ସେଇଟି ମଧ୍ୟ ଗ୍ରାମସଭାର ଗୋଟେ ଅଙ୍ଗ । ସରପଞ୍ଚଙ୍କ ପାଖରେ କିଛି ଆପତ୍ତି କଲେ ଅଦାଲତପଞ୍ଚମାନେ ମଧ୍ୟ ସେଥିରେ ବିଚାର କରନ୍ତି, କାରଣ ସରପଞ୍ଚଙ୍କର ଦଣ୍ଡ ଦେବାର କ୍ଷମତା ନଥାଏ । ତେବେ ନ୍ୟାୟ ବିଚାର ମାନିଲା ବେଳେ କିମ୍ବା ନିଷ୍ପତ୍ତି କିଛି କଲାବେଳେ ଆଉ

ାଲତପଞ୍ଚ ହିସାବରେ ବସା ଯାଏନାହିଁ । ସମସ୍ତେ ଏକହୋଇ ବସି ୁଭି କରନ୍ତୁ ଓ ବାଦୀ ବିବାଦୀଙ୍କଠାରୁ ନିଷ୍ପତ୍ତି ଫଳାଫଳ ତଳେ ଗୋଟିଏ ାଟିଏ ଟିପ କିମ୍ବା ଦସ୍ତଖତ କରାଇ ନିଅନ୍ତୁ । ଭବିଷ୍ୟତ ଉପକାରାର୍ଥେ ଲ କାଗଜକୁ ଗ୍ରାମସଭା ଅଫିସରେ ରଖନ୍ତୁ ।

ଅଦାଲତ ପଞ୍ଚକୁ କେତେ ଗୁଡ଼ିଏ ଆଇନ ଦ୍ୱାରା ସୁବିଧା ଦିଆଯାଇ । ଏପରିକି ଗୋଟିଏ ସୀମା ମଧ୍ୟରେ ନାଲିସ ଫିରାଦ ଶୁଣି ଟଙ୍କା ଦାୟ କରି ଦେବାର ଭାର, ନ ଦେଲେ କୋକ ନିଲାମ କରିବାର ଭାର ଟିଫିକେଟ କରି ଟଙ୍କା ଆଦାୟ କରି ଦେବାର ଭାର ଦିଆଯାଇଛି ।

ଦଣ୍ଡବିଧି ଆଇନରୁ ବହୁ ଶ୍ରେଷ୍ଠ ଶ୍ରେଷ୍ଠ ଦଫା ମାନଙ୍କରୁ ମଧ୍ୟ ବିଚାର ଭାର ସ୍ତ କରାଯାଇଛି । ସମାଜ ପୁଣି ଚାହୁଁଛି ସେହିମାନଙ୍କ ହାତକୁ ଶାସନ କେନ୍ଦ୍ରୀକରଣ କରି କ୍ଷମତା ଦିଆଯାଉ । ଜମିଜମାର ଭାଗବଣ୍ଟାରା ସେହି-ଙ୍କ ଉପରେ ଦିନେ ସମାଜ ନ୍ୟସ୍ତ କରିବ, ପୁଣି ସମବଣ୍ଟନ, ଉତ୍ପାଦନର ଭାର ଆସି ପଡ଼ିବ ।

ସେହି ପଞ୍ଚାୟତ ନିଷ୍ପତ୍ତିର ଫଳାଫଳ ପାଠକେ ଶୁଣନ୍ତୁ । ଠିକ ଠିକ କହିବାର ହୋଇଛି ବୋଲି ପାଠକେ ଆଶ୍ଚର୍ଯ୍ୟ ନ ହୁଅନ୍ତୁ ।

ପହିଲି ନିଜର କଥାମାନ ଠିକ ଠିକ ଭାବରେ କହିଗଲି । କହିଲି ାଲେ ବାବୁମାନଙ୍କ ସାମନାରେ ଗୋଟିଏ ଗାମୁଛା ବେକରେ ପକାଇ ତ ଯୋଡ଼ି ଛିଡ଼ାହୋଇ କହୁଥାଏ । ତାର ମନର କୋହ ସେ ସମ୍ଭାଳି ରିଲି ନାହିଁ । ଭେ, ଭେ ହୋଇ ରଡ଼ି ପକାଇ ଦେଲା ।

ପଞ୍ଚାୟତର ପଞ୍ଚ ଦେବତା ତାକୁ କାନ୍ଦିବାକୁ ବାରଣ କରିବାରୁ ସେ ାମୁଛା କାନରେ ଲୁହ ପୋଛି ଛିଡ଼ା ହୋଇଥାଏ ଗୋଟିଏ କାଠପିତୁଳା ଭଳି ।

ସରପଞ୍ଚ ମହାଶୟ ସବୁ ଶୁଣିଲେ । ଅଦାଲତ ପଞ୍ଚ ସଭାପତି ହୋଦୟ ମଧ୍ୟ ଉପସ୍ଥିତ ଥିଲେ । ସଭାପତି ଓ ସରପଞ୍ଚ; ସଭ୍ୟଗଣ କାନକୁ ହିଁ ଭିଡ଼ାଇ ବହୁକ୍ଷଣ ଚୁପ୍ ଚୁପ୍ କଥାବାର୍ତ୍ତା କରି ସାରିବା ପରେ,

ସର୍ବସମ୍ମତିକ୍ରମେ ତଳଲିଖିତମତେ ମତାମତ ଗୋଟିଏ କାଗଜରେ ଲେଖି ଦେଲେ ଓ ତାହା ଗ୍ରାମସଙ୍ଘର ସଂପାଦକ ପଢ଼ି ଶୁଣାଇଦେଲେ ।

"ପହଲା ଯେଉଁ ଅଭିଯୋଗ କରିଛି ତାହା ଶୁଣାଗଲା । ନାଟୁବାବୁଙ୍କର ଇତାଲା ଓ ଜାମିନାତ କଥା ମଧ୍ୟ ଶୁଣାଗଲା । ଜମିଦାର ଟଙ୍କା ପାଇସାରି-ଥିବାର ମଧ୍ୟ ଯଥାର୍ଥ ଜାଣିଲୁଁ । ସମସ୍ତଙ୍କ କଥା ଶୁଣିସାରି ଆମ୍ଭେମାନେ ଏହି ମର୍ମରେ ଉପନୀତ ହେଲୁଁ ଯେ ପହଲା ଆଜକୁ ଏକବର୍ଷ କାଳ ଗୋରୁଗାଈ ସମ୍ଭାଳି ନ ଥିବାରୁ ଓ ସରକାରଙ୍କ ନୋଟିସ ଲଗାଯାଇ ନଥିବାରୁ, ନାଟୁ ବାବୁଙ୍କ ଇତାଲା ବିଧିର ହୋଇ ସତ୍ୟ ଥିବା ଦୃଷ୍ଟିରୁ, ଆମ୍ଭେମାନେ ଗ୍ରାମ୍ୟ କମିଟି ତରଫରୁ ନାଟୁବାବୁଙ୍କୁ ଅନୁରୋଧ କରୁଅଛୁଁ ଯେ, ସେ ଗୋରୁ ମହିଷିର ଖୋରାକ ବାବଦ ପହଲାଠାରୁ ତିନିଟଙ୍କା ଦଶଅଣା ହିସାବରେ ଦୈନିକ, ମୋଟ ପନ୍ଦରଶହ ଟଙ୍କା ନଗଦ ପହଲାଠାରୁ ନେଇ, ତାହାକୁ ତାର ଜିନିଷମାନ ୧୫ ଦିନ ମଧ୍ୟରେ ଫେରାଇ ଦେବେ ।

| ସ୍ୱାକ୍ଷର | ସ୍ୱାକ୍ଷର | ସ୍ୱାକ୍ଷର |
|---|---|---|
| ଆପତ୍ତିକାରୀ | ଉପସ୍ଥିତ ସଭ୍ୟଗଣ | ଅଭିଯୁକ୍ତ ବ୍ୟକ୍ତି |

ପହଲାର ଏତେବେଳକେ ମୁଣ୍ଡରେ ବଜ୍ର ପଡ଼ିଲା । ତାର ବାକ୍‌ରୁଦ୍ଧ ହୋଇଗଲା । ସେ ଆଉ ଭାଷା କହିପାରିଲା ନାହିଁ । ଯାହା ଟିକିଏ ଭରସା କରିଥିଲା ଗ୍ରାମରୁ ନ୍ୟାୟ ପାଇବା ପାଇଁ, ସେ ରାଏ ଶୁଣି ଏକେବାରେ ମନରୁ ଗୋରୁ ମହିଷି ଆଶା ଛାଡ଼ିଦେଲା । ଗରିବ ଲୋକ ସେ, ତା ପାଇଁ ନ୍ୟାୟ ଗ୍ରାମରେ, କଚେରୀରେ ଏକପ୍ରକାର । ତାର ଧନ ନାହିଁ ଲଢ଼ିବାକୁ, ତାର ଭାଷା ନାହିଁ ଅନ୍ୟାୟର ପ୍ରତିରୋଧ କରିବାକୁ, ତା ପକ୍ଷରେ ଜୀବନ ଏକ ଅଭିଶାପ । ସମାଜ ତାର କିଛି ଉପକାର କରି ପାରେ ନାହିଁ, ଅଗତ୍ୟା ସେ ଆଶ୍ରୟ ଗ୍ରହଣ କରେ ଭଗବାନଙ୍କ ପାଖରେ ।

ପହଲା ସେଠାରେ ଆଉ କାଳ ବିଳମ୍ବ ନକରି ସିଧା ଗଲା ଭୀମବାବୁ ଠାକୁ । ଭୀମବାବୁ ଗାଁର ହାଲ ସବୁ ଜାଣନ୍ତି । ସେ ଗ୍ରାମରେ ଯେଉଁ ଚନ୍ଦାକୁ

ସଥିରୁ ଦୂରରେ ରହିବାର ଚେଷ୍ଟା କରନ୍ତୁ । ଯାହା ହେବ ଆଇନ
।ଦାଲତରେ ଆଇନ ବଳରେ ସେ ଧରି ନେଇଛନ୍ତି ।

ପ୍ରଥମେ ପହ୍ଲାଙ୍କୁ ଦୋଷାରୋପ କରି ପରସ୍ତେ ଗାଳିମନ୍ଦ ଦେଲେ । ଶଷରେ କହିଲେ ଯେ ଗ୍ରାମ ପଞ୍ଚାଏତ ତାର କର୍ମଚାରୀ ଏହିଥର କଚେରୀରେ ଦଖାଇଦେବ ଓ ତୁମେ ଦୁଇଜଣ ମୋ ସହିତରେ ଗଲେ ବଡ଼ ସାହେବ ଲେକ୍ଟରଠାରେ ତୁମ୍ଭ ଦୁଇଜଣଙ୍କୁ ଛଡ଼ାକରି ସବୁ କଥା ହାସଲ କରାଇ ।ଣିବି । ଆଉ ଭାବିଲେ କ'ଣ ହେବ ? ଏବେ ଘରକୁ ଯାଇ ବାଲେଶ୍ୱର ।ବାପାଇଁ ପ୍ରସ୍ତୁତ ହୋଇପଡ଼ ।

ପହ୍ଲା ଫେରିଗଲା ନିଜଘରକୁ କର୍ମ ଆଦରି ।

—ସଇଁତରିଶି—

# ଆଠ

ଏହିଲା, ନାଟୁ ଯେନାର ବିଚାର ହୋଇଗଲା ପରେ, ଗାଁରେ ଗୋଟେ ପ୍ରକାର ଚହଳ ଛଡ଼ିଯାଇଛି ଯେ ନାଟୁ ଯେନାର ସବୁ କଥାରେ ଜୟ ହେଲା ବୋଲି ।

ସେ ବିଚାର କଥା ସକାଳୁ ପୋଖରୀ ଘାଟରେ ହାଟ ବସିଲା ସ୍ତ୍ରୀଲୋକ ମାନଙ୍କ ମଧ୍ୟରେ । ବଡ଼ କଥା ଗୋଟେ ଯେପରି ଗତକାଲି ଘଟିଗଲା ବୋଲି ସମସ୍ତେ ଅନୁଭବ କରୁଥିଲେ । ରାଧିବଉ, ବଉଳା ମା, ଚମ୍ପା ନାନୀ, ଶ୍ରୀମତୀ ଇତ୍ୟାଦି ବହୁ ମାଇକିନିଆ ଗାଧୁଆଘାଟରେ ଗାଧୋଇଲା ବେଳେ ସମସ୍ତଙ୍କ ମୁହଁରେ ସେହି ଗ୍ରାମପଞ୍ଚାୟତ ନ୍ୟାୟ କଥା । ବିଚାର ପହିଲର ସର୍ବନାଶ ହୋଇଥିବା କଥା ସମସ୍ତେ କହି ଦୁଃଖ କରୁଥାନ୍ତି ।

ବଉଳା ମା ଗୋଟେ ଗୀତ ମେଲାଇ ଦେଲା,

କାନ୍ଦୁଛନ୍ତି ସବୁ ଲୁହ ବହୁନାହିଁ
ମୁହଁ ଦିଶେ ହାଣ୍ଡିପରି,
ସମସ୍ତଙ୍କ କଥା ସମସ୍ତେ ଜାଣୁଛେ
ବାହାରେ କିପାଇଁ ହୁରି ?

ମଲାଲୋ; କ'ଣ ଆଉ ବିଚାରଟା ହୁଅନ୍ତାକି ? ଫକରଣା ସରପଞ୍ଚ ହୋଇଛି ନାମକୁ ନା, କାମକୁ ? ନାଟୁ ଯେନାତ ନ ବସିଲେ, କି ନାଟୁ ଯେନାକୁ ନ ପଚାରିଲେ ଫକୀରା କିଛି କରେନାହିଁ । ତା ବାପକୁତ ନବ, ନବନା

ବୋଲି ସବୁ ଡାକୁଥିଲେ । ଆଜି ଫକୀର ଥିଲା, ନାଟୁ ଯେନା ଯୋଗୁଁ ଫକୀରବାବୁ ହୋଇଛି । ସେ ଆଉ କ'ଣ ନାଟୁଆର କ୍ଷତି କରନ୍ତା ନା ?

ରାଧିବଉ କହିଲା, "ନାଲେ ନାନୀ, ତୁ, ତାର ମରମକଥା ଜାଣୁନାହୁଁ । ନାଟୁ ଯେନା କ'ଣ ସହଜରେ ତାକୁ ସରପଞ୍ଚ କରାଇ ଦେଇଛି କି ?" ଶ୍ରୀମତୀ କହିଲା "କହନା ରାଧିବଉ, କ'ଣ ମର୍ମ କଥା ।"

ରାଧିବଉ— ହଁ, ତୁଣ୍ଡ ବାଇଦ ସହସ୍ର କୋଶ ପେଟରୁ କଥା ବାହାର କଲେ ତୁଣ୍ଡରେ ଉଠିବ । ତୁଣ୍ଡରୁ କଥା ବାହାରିଲେ ଘରିଆଡ଼େ ମେଲିଯିବ । କିଏ ମୋତେ ରକ୍ଷା କରିବ କହିଲୁ । ମରଦ ଗୁଡ଼ାକତ ଆମର ସେଇରକମ । ଯାହା କହିବେ ନାଟୁ ବାବୁ । ମରଦମାନେବି ମୁଣ୍ଡଧରି ପଦେ କଥା କହିବେ ନାହିଁ । ନାଟୁ ବାବୁ ଯାହାକୁ ବାଛିବେ, ସେହି ହେବେ ମେମ୍ବର । ମୋ ପୁଅ ଯାଜପୁରରେ ରହି କହି ପଠାଇଥିଲା ତା ବାପକୁ ମେମ୍ବରରେ ଛିଡ଼ାହେବା ପାଇଁ । ଆମ, ମରଦ ନାଟୁ ବାବୁଙ୍କୁ ଯାଇ କେତି ପଚାରୁଛି, ଛିଡ଼ା ହେବକି ନା ?

"ଶୁଣିବୁ ନା ଗୋଟେ କଥା," ଚମ୍ପା ନାନୀ ଆରମ୍ଭ କଲା । ମା ଭାଇ ଆସି ବୁଝାଇ ତା ଭଉଣୀକୁ କହିଗଲା ଯେ ଦେଶର କଲ୍ୟାଣ ପାଇଁ ଗୁହଁ ଅମୁକ ଚିହ୍ନରେ ଦାଗଦେଇ ଭୋଟ ଦେବ । ଭଏବତ ହଁ କରିଲେ, କିନ୍ତୁ ଠିକ୍ ଭୋଟ ଆଗ ଦିନ ରାତିକି ନାଟୁ ଯେନା କିମନ୍ତ ଦେଲେ ଭଉଣୀ, ସେ ଆସି ମୋତେ ଧମକାଇ ଦେଇ କହିଲେ "ତୋ ଭାଇ ଫାଇ କଥା ଛାଡ଼ । ଆମର ହରିହାଟକୁ ଗୋଟେ ଆଲ ମିଳିବ, ଗାଦଲ ଗଢ଼ିବା, ତୁ ତୋ ଭାଇ କଥା ନ ମାନି ଆମ କଥାରେ ଅନ୍ୟ ଚିହ୍ନରେ ଦାଗମାରି ଆସିବୁ । "କ'ଣ ହେଲାଲୋ, ଖାଲି ସେତିକି, ମୋ କଥା ଶୁଣିଲେ ଗାଲରେ ହାତ ଦେବୁ ଭଉଣୀ" କହି ବସିଲା ରାଧିବଉ ମାର ପିଲପିଲି ପାଞ୍ଚଟା ହୋଇଯାଇଛି ବୋଲି, ରାଧିବାପକୁ ଡାକ୍ତର କହିଥିଲେ ଯେ ଡାକ୍ତରଖାନାକୁ ପଠାଇ ଦେଲେ କ'ଣ ସେଠାରେ ନାଡ଼ କାଟି ଦେବେ ଯେ ଆଉ ପିଲା ହେବ ନାହିଁ ବୋଲି । ମୋତେବି ଗାଁରେ

କହିବୁଲି ଡାକ୍ତର ଯାଇଥିଲେ । ରାଧିବାପ ମୋତେ ସେଇ ନାଡ୍ଡୁ ଯେନା ହାତରେ ଖର୍ଚ୍ଚା ଦେଇ ବାଲେଶ୍ବର ପଠାଇବାକୁ ମସୁଧା କରୁଥିଲେ । ଏପରି କଥାକୁ ମୋ ଦେହ ଜଳିଗଲା, ମୋ ମରଦର ମରଦପଣିଆ ନାହିଁନା କ'ଣ କହି କଳି କରିବାରୁ ମୋ ଯିବାବି ବନ୍ଦ, ଆଉ ଡାକ୍ତରଖାନା କଥାବି ଲୁଚିଗଲା ।

ଚମ୍ପାନାନୀ କହିଲା—"କ'ଣ ହେଲା, ତୁ କ'ଣ ଗଲନାହୁଁ ରାଧି ବଉ ।"

ରାଧିବଉ—"କ'ଣ ଯିବୁଲୋ, ଯିଏ ଜନ୍ମ ଦେଇଛୁ ସେ ପାଳିବ, ଏମାନଙ୍କର ଗୋଟେ ଜନ୍ମ କରିବାର କ୍ଷମତା ନାହିଁ, ବନ୍ଦ ଅବା କପରି କରିବେ, କାହିଁକି କରିବେ ? ମୋର ପିଲା ହେଲା, ଡାକ୍ତର ଯୋହକୁ କାହିଁକି ନାଗିଲା ।" ଶ୍ରୀମତୀ କହିଲା "ଦେଶରେ ଭଲ ପାଇଁ ସବୁ କରାଯାଉଛି । ନାଡ୍ଡୁ ଯେନା ଭଲ ଲୋକ ସିନା ଗାଁକୁ ସାରୁଛନ୍ତି । ମୁଁ ଖଣ୍ଡେ ଖବରକାଗଜ ଆଣେ, ପ୍ରତିଦିନ ପଢି ଷ୍ଟେସନବାବୁଙ୍କ ଘରକୁ ଗାଁ ପୋଷ୍ଟ ପିଅନ ହାତରେ ପଠାଇ ଦିଏଁ । ଆସିବଟି ସବୁ କହିବ ।"

ବଉଳା ମା ଗରଜି ଉଠି କହିଲା—"ଦେଶଟାକୁତ ରସାତଳକୁ ଦେଲ, ଖଣ୍ଡ ନାହିଁ, ଗାଈଛୁଆ କରେଇଲଣି, ଆଉ କେଉଁଣିକି ବୁଝ—" କହି ମୁରକି ହସା ଦେଲା ।

ଶ୍ରୀମତୀ—ହଁ ଲୋ ନାନୀ ତୁ ଯେକଥା ଭାବୁଛୁ ଦିନେ ହବ, ମୋ ବାପଘର ସହରରେ । ମୁଁ ଗାଁକୁ ଆସି ସବୁକଥା ଭାବୁଛି । ଗାଁ ପାଇଁ ଯଦି ସମସ୍ତେ ଚେଷ୍ଟା କରନ୍ତେ, ତା, ବୋଲି ଖାଲି ମରଦେ ନୁହଁନ୍ତି, ମାଇପେ ମଧ୍ୟ ଭାବିଲେ ଗାଁ ହସି ଉଠିବ । ଚମ୍ପାନାନୀ—ଢଗ ମେଲାଇ ଦେଲା—

ନ ଦେଖିଲା କଥା ଦେଖ ଲୋ ଭଉଣୀ
ନ ଶୁଣିବା କଥା ଶୁଣ,
ଘଇତା ନଥାଇ "ମା" ହେବେ ପୁଣି
ଏ କଳିକାଳର ଗୁଣ ।

—ସୁଳକ୍ଷଣି—

ରିଲା ସରିଲା, ଆଉ ବାରବୀଜା କଥା ଉଠିଯିବ । କଥାଟା କହିଁରୁ
ାଇ କଉଠି ପହଞ୍ଚିଲା । ନାଟୁ ଯେନାର ବଗୁରଠାରୁ ସ୍ତ୍ରୀମାନଙ୍କ ମନ
ଥା ପୋଖରୀ କୂଠରେ ପଡ଼ିଛି । ସରଦା ମା ବୁଢ଼ୀ ଫେରିବାଟେ ଯାଉଥିଲା ।
ାନ୍ତକାଠି ଗ୍ଲେବାଉ ଗ୍ଲେବାଉ ଘାଟ ପାଖରେ ହାଜର ହୋଇ ସମସ୍ତଙ୍କ-
ାରୁ ଗୁଡ଼ାଖୁ ଅନୁସନ୍ଧାନ କଲା । କହିଲା "ଆଜି କାହା ମୁହିଁ ସକାଳୁ
ହିଁଥିଲି ଯେ ଗୁଡ଼ାଖୁ ପଭର ଖାଲି ପଡ଼ିଛି ।" ଦୁଇଅଣା ଗୁଡ଼ାଖୁ ମୋ
ଅବୋହୁଙ୍କୁ ଦୁଇଦିନ , ଆଗରୁ ଦୁଇ ପଇସାର ଗୁଡ଼ାଖୁ ଦଶଦିନ ଯାଉଥିଲା ।
ଡ଼ାଖୁ ଟୋପେ ଟୋପେ ସମସ୍ତଙ୍କଠାରୁ ନେଇ ପାକୁଆ ପାଟିରେ ଗବ
ାନ୍ତକାଠି ବୋଲି ଦେଇ ଦୁଇ କୁଟ ମାରି କହିଲା "ଇଲେ ଶୁଣିଲଣି ଦା
ମସ୍ତେ, ଆମ ଗାଁର କୂଅ ଟଙ୍କା କ'ଣ ଆସିଥିଲା ।" ନାଟୁ ଯେନା କୂଅ
ଖାଲା ହୋଇଛି ବୋଲି ସାଇବଠାରେ ହିସାବ ଦେଇଥିଲେ, ଆଜି କୂଅ
ଖାଲା ହୋଇନାହିଁ ବୋଲି ଜଣେ ବାବୁ ଦେଖିବାକୁ ଆସିବାରୁ, ମୋ ଘରୁ
ଧ ଅଧସେରେ ନାଟୁବାବୁଙ୍କ ଗୁକର ନେଇଗଲା । ମୋତେ କହିଗଲା ଯେ
ବୁଙ୍କ ସାଙ୍ଗରେ ବୁଝାମଣା ହୋଇଗଲାଣି । ଟଙ୍କା ପଇସା ନେଣ ଦେଣ
ହୋଇଗଲା ପରେ ମୋତେ ଦୁଧ ପାଇଁ ପଠେଇଲେ । ମୁଁ ତାକୁ ପଚାରି
ଥିଲି ଯେ ତୋ ବାବୁ କେତେ ଟଙ୍କା କୂଅ ପାଇଁ ଆଣିଥିଲେ । ସେ
ହିଲା ହଜାରେ ବୋଲି, ଏ ଯେଉଁ ବାବୁ ଆସିଥିଲେ ସେ କିଛି ପକେଟରେ
ଲାଇ ଚୁପକରି ଚାଲିଯିବେ । ଚମ୍ପା ପୋଖରୀ ଘାଟରେ ଲୁଗା ପାଲଟି
ଲସୀ ଧୋଉଥିଲା, ଚଟକରି କହିଲା ଏଠାରେ ରହିବ ରହିବ, ନ ରହିବ
ହିଁ । କି ମରଦ ଗୁଡ଼ାକ, ଗୋଟେ ଲୋକକୁ ସବୁ ଦେଇପାରୁଛନ୍ତି
ସମାନେ ମୁଁ ଏ ବିଷୟରେ ଖବର କାଗଜବାଲା ପାଖକୁ ପଠାଇବ ।

ସବୁ ମାଇପେ ମିଳି ଉଠିପଡ଼ି ଚମ୍ପା ମୁହଁରେ ହାତ ଦେଇ କହିଲେ,
ଉଣୀ ! ଏଇ ସରଦା ମା ବୁଢ଼ୀ ଯାଇ ସଙ୍ଗେ ସଙ୍ଗେ ନାଟୁଆକୁ ଖବର
ବ । ସଞ୍ଜ ବେଳକୁ ଯାହାହେବ ଆଉ ସମ୍ଭାଳି ହେବନାହିଁ ।

—ଏକଶ୍ଵାକଣି—

ସେଥିକରେ ସମସ୍ତେ ତୁନ ହୋଇ ଚାଲିଗଲେ । ପରେ ଖବର ମିଳିଲା ଯେ, ବାଲେଶ୍ୱର କଚେରୀରୁ ନୋଟିସ ଆସିଛି ଫକୀର ରଣା ଉପରେ କୂଅଁ ଖୋଳା ହୋଇ ନଥିବାରୁ ଟଙ୍କା ଫେରସ୍ତ ଦେବାପାଇଁ ।

ଫକୀର ରଣା ନାଣ୍ଟୁ ବାବୁ ଦୁହେଁ ବାଲେଶ୍ୱର କଚେରୀକୁ ଦଉଡ଼ ଲଗାଇ କାମ ଫତେକରି ଆଣିଥିଲେ ।

—ବସ୍ତ୍ରାଳଣି—

# ନଅ

ଏଣେ ମେଦ୍ନୀପୁରିଆ "ମାଇତି," ଜମିଦାରକୁ ଜମିପାଇଁ ବ୍ୟସ୍ତକରି
କଇଲେଣି । ଟଙ୍କା ନେଇ ପଟ୍ଟା ଦେଇ ଦଖଲ ନ ଦେଇଥିବାରୁ
ଇତିବାକୁ ବଡ଼ ତାଗଦା ଲଗେଇଛନ୍ତି ଯେ ଜମି ଦିଅ, ନତୁବା ଟଙ୍କା ସୁଧ-
କୁ ଫେରସ୍ତ କର ।

ଜମିଦାର ଘର ଏବେ ଓକିଲ ସାଙ୍ଗରେ ପରାମର୍ଶ କରି ବାଟ ସଫା
ବାରେ ଲଗିଛନ୍ତି । ପହଲି କପରି ସେଠାରୁ ଉଠି ପଳାଇବ ସେଥିପାଇଁ
ଠି ଯେନାଙ୍କୁ ମଧ୍ୟ ପରାମର୍ଶ କରାଯାଉଛି । ଆଗରୁ ପହଲି ଉପରେ ଭାଗରେ
ଷି କରି ଧାନ୍ୟ ନଦେଇଥିବା ହେତୁ ଓଡ଼ିଶା ପ୍ରଜାସତ୍ୱ ଆଇନ ମୁତାବକ
ଲାକ ନିଲାମ କରା ହୋଇ ହନ୍ତସନ୍ତ କରାଯାଉଛି । ପୁଣି ଯଦି ଭାଗରେ
ଷି କରି ଧାନ୍ୟ ନଦେଉଛି ଚାଷୀ, ହାକିମ ନିଜେ ବେଦଖଲ କରିବାର
ବସ୍ଥା ଅଛି ଆଇନରେ । ଓକିଲ ମହାଶୟ ତାଙ୍କ ପାଉଣା ନେଇ ବ୍ୟବସ୍ଥା
ଖାଇ ଦେଲେ । ଏକଥା ଶୁଣି ଜମିଦାରବାବୁଙ୍କ ମନ ଖୁସି । ଶ୍ରୀଯୁକ୍ତ ପତି
କିଲ ବଡ଼ ବୁଦ୍ଧିମାନ, ଭାରି ଚାଲ ଚାଲିପାରେ ସେ ହାକିମ ମହଲରେ ।
ଟୁ ଯେନା ଗ୍ରାମ ପଞ୍ଚାଏତ ଭଳି ଲୋକଙ୍କୁ ହାତରେ ରଖି ଗାଁ ଦାଣ୍ଡରେ
ବଶ ନାମ କରିନେଇଛି ସେ । ପତିବାବୁଙ୍କର ଭାରି ନାମ । କିନ୍ତୁ ଟିକିଏ
ଇସାଚପା ଓକିଲ ବୋଲି ମଧ୍ୟ ସମସ୍ତେ କହନ୍ତି । ହେଲେ କ'ଣ ହେବ,
ସତ ବ୍ୟବସାୟ କଥା । ହଜାର ହଜାର ଟଙ୍କା ଜମିଦାରଙ୍କୁ ମେଦ୍ନୀପୁର
ଲୋକମାନେ ଅଗ୍ରିମ ଦେଇ ଯାଇଛନ୍ତି । ଓକିଲ ଟଙ୍କା ନେଲେ ବାଧିବ ନାହିଁ ।

ଯାହାହେଉ, ମକଦ୍ଦମା ରୁଜୁ ହୋଇଗଲା । ହାକିମ ସାମନାରେ, ପହଲ ସିଂ ବିରୁଦ୍ଧରେ, ଜମିରୁ ବେଦଖଲ କରିବା ପାଇଁ । ଏକା ତାରିଖରେ ନୋଟିସ ନଗା ହୋଇ ସାରିଛି । ଚନ୍ଦ୍ରକଟଧାର ନାଟୁ ଯେନା । ତାହାର ସାକ୍ଷାତରେ ଟିପଦିଆ ହୋଇଛି, ପହଲ ସିଂ ବୁଢ଼ାଙ୍ଗୁଳି ଟିପ ଦେଇଛି । ମକଦ୍ଦମା ବିଷୟ ତାକୁ ଜଣାଇ ଦିଆଯାଇଛି । ନାଏବ ସରପଞ୍ଚ ସେଥିରେ ଦସ୍ତଖତ କରିଛନ୍ତି । ଏହି ମର୍ମରେ ରିପୋର୍ଟ ଦେଲେ ପିଆଦା ମହାଶୟ ।

ପେସ୍କାରବାବୁ ପ୍ରଥମ ତାରିଖରେ ରିପୋର୍ଟ ଫେରିଆସି ଥିବାରୁ ତାକୁ ନଥି ସାମିଲ କରି ରଖିଦେଲେ ଓ ପ୍ରଥମ କଚେରୀରେ ଯେପରି ଜମିଦାର କାମ ପ୍ରଥମେ ହୁଏ ସେଥିପାଇଁ ଆଗରୁ ସବୁ ବନ୍ଦବସ୍ତ କରି ହୋଇଥିଲା । ପେସ୍କାର ଚପରାସୀ ଏମାନେ ହାତରେ ଥିଲେ ବହୁ କାମ ହୁଏ । କାରଣ ହାକିମଙ୍କର ଆଜିକାଲି ଗୋଟେ କାମ ନୁହେଁ, ତାଙ୍କୁ ବିଚାର ସଙ୍ଗେ ସଙ୍ଗେ ସରକାରଙ୍କ ଆଦେଶରେ ଅନ୍ୟ କେତେକ କାମ ମଧ୍ୟ ଦେଖିବାକୁ ହୁଏ । ତେଣୁ ପେସ୍କାର ଉପରେ ଅନେକ ସମୟରେ ନିର୍ଭର କରିବାକୁ ପଡ଼ୁଛି ।

ହାକିମ ଆସି ପେସ୍କାରଙ୍କୁ ପଚାରିଲାକ୍ଷଣି ପେସ୍କାରବାବୁ ଏଇ ମକଦ୍ଦମାକୁ ପ୍ରଥମେ ପେଷକଲେ । ହାକିମଙ୍କୁ ପିଆଦା ରିପୋର୍ଟ ଶୁଣାଇ ଦେଲେ ଯେ ନାଟୁ ଯେନା ନାଏବ ସରପଞ୍ଚଙ୍କ ସାକ୍ଷାତରେ, ଶ୍ରୀଶ୍ରୀ ଚନ୍ଦ୍ରକରଙ୍କ ଜଣାଣ ମତେ ବିବାଦୀ ମକଦ୍ଦମା ବିବରଣ ପଢ଼ି ଶୁଣି ଟିପ ଦେଇ ହାଜର ହୋଇ ନାହିଁ । ହାକିମ ନଜେ ଦେଖି ସନ୍ତୁଷ୍ଟ ହେଲେଯେ, ରିପୋର୍ଟ ଠିକ ହୋଇଛି । ବାଦୀ ପକ୍ଷର ଓକିଲ ଆଇନ ପଢ଼ି ଦେଲ ହାଜର । ହାକିମଙ୍କୁ ଆଇନ ଅନୁସାରେ କାମ କରିବାକୁ ହେବ ।

"ହଉ, ଡାକ" କହି ହାକିମ ଚପରାସୀକୁ କହିଲାକ୍ଷଣି ଚପରାସୀ ଡାକଦେଲା ପହଲ ସିଂ ହାଜର ହେ—ପହଲ ସିଂ ହାଜରହେ—ପହଲ ସିଂ— ପୁଣି ଯାଇ କହିଲା, ହଜୁର କେହି ଆସିନାହାନ୍ତି । ହାକିମ କ'ଣ କରି ଭାବୁଥିଲେ ଆଦିବାସୀ ଲୋକ ଦେଖି, ମାତ୍ର ପେସ୍କାର ବାବୁଙ୍କର ଗ୍ରୁପ ସେ ଗୋଟାଏ ନଥି ଫଇସଲ ହେବ, ତେଣେ ଓକିଲର ଗ୍ରୁପ ଯେ, ଆଇନ ଅନୁସାରେ ବାଦୀଙ୍କୁ ଡିଗ୍ରୀ ଦେବାକୁ ହେବ । ଏଥିରେ ହାକିମ ମହାଶୟ ଚରଚର କରି ରାଏ ଲେଖିଦେଲେ, ପହଲର ଭାଗ୍ୟ ନିଷ୍ପତ୍ତି ହୋଇଗଲା

ତାଙ୍କୁ ବେଦଖଲ କରାଗଲା । ତେଣେ ପେସ୍କାର ସନ୍ତୁଷ୍ଟ ନୟନରେ ଗ୍ରହି
ରହିଥିଲା ଖୁସିନାମା ପାଇଁ । ଚପରାଶୀ ତାର ଖୁସିନାମା କଥା ହାକିମଙ୍କ
ଅସାକ୍ଷାତରେ ଜମିଦାର ଆମୋକ୍ତାରଙ୍କ ପଛପଟେ ଚନ୍ଦା ମାଗି ସାରିଥିଲା ।
ମିସଲ ବାହାରେ ଆମୋକ୍ତାର ଯାହାର ଯାହା ପାଉଣା ଚୁକ୍ତି କରିଦେଲେ ।
କେବଳ ଜମିଦାରଙ୍କର ଗୋଟିଏ ଭୟ ଆସି ଗ୍ରୁତରେ ଛନକା ଭଳି ପଶି
ପାଉଥାଏ । ତାହା ହେଉଛି ଯେ, ଯଦି ପହଲ କୌଣସି ପ୍ରକାରେ ଏକଥା
ଶୁଣି ପାରେ, ତାହାହେଲେ ଏକମାସ ମଧ୍ୟରେ ଅପିଲ ଦାଖଲ କରିଦେଲେ
ଜିଲ୍ଲା ହାକିମଙ୍କ ପାଖରେ ଦରଖାସ୍ତ କରିଦେଲେ, ସବୁ ବୁଦ୍ଧି ବଣା
ହୋଇଯିବ ।

ଆଇନ କଥା ଯାହା ହେଉ ନ ହେଉ, କେବଳ ଭୟ
ଏତିକ ଯେ ଆଦିବାସୀ ଲୋକ ସେ ବିବାଦୀ । ହାକିମଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ
ସେମାନଙ୍କ ପାଇଁ ଦରଦ ରଖିଛନ୍ତି । ଗୃହକର୍ମ ବାକରିରେ, ଏପରିକି ପାଠ
ପଢ଼ାରେ ମଧ୍ୟ, ସବୁଥିରେ ପ୍ରଥମ ସୁବିଧା ହରିଜନ, ଆଦିବାସୀ ଲୋକଙ୍କ ପାଇଁ
ଦିଆ ହୋଇଛି । ଭୁବନବାବୁଙ୍କ ଆଜିକାଲିକାର କଥାସବୁ ମାଲମ । କାରଣ
ଜମିଦାର ଭୁବନବାବୁ ଜାଣନ୍ତି ଯେ ଭାରତ ସଂବିଧାନରେ ଦୁଇ, ପାଞ୍ଚବର୍ଷ
ପାଇଁ ଆଦିବାସୀ, ହରିଜନ, ଅନୁନ୍ନତ ଶ୍ରେଣୀ ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର
ବିଧାନ ଅଛି ।

ଉପର ମହଲ ଦିଲ୍ଲୀଠାରୁ ତଳେ ଓଡ଼ିଶା ପ୍ରଦେଶ ପର୍ଯ୍ୟନ୍ତ ଗୋଟେ
ଗୋଟେ ବିଭାଗ ଖୋଲାହୋଇ, ପ୍ରତି ବିଭାଗରେ ମନ୍ତ୍ରୀ ଅଛନ୍ତି ସେମାନଙ୍କର
ସୁବିଧା ଦେଖିବା ପାଇଁ । ସେଇ କଥା ଯୋଗୁଁ ସେ ଭୟକରି ପେସ୍କାରକୁ
ଧରି ତେଣୁ କାହା କଥାଟା ଯେପରି ଏକମାସ ପାଇଁ ଛପାଇ ରଖାଯାଇ ପାରେ
ତା ଚେଷ୍ଟା କରୁଥିଲେ । ଆମ ଦେଶରେ କିଛି ବର୍ଷ ପୂର୍ବରୁ ସେ ଆଦିବାସୀଙ୍କର
ବିପ୍ଲବ ଦେଖିଛି । ସରକାର କିପରି ଗୋଳମାଳ କରି ବହୁ ଲୋକ
ମରିଲା ପରେ, ଆଦିବାସୀଙ୍କ ସହ ମିଳାମିଶା କରିବାକୁ ବାଧ୍ୟ ହୋଇଥିଲେ,
ତାହାବି ସେ ଆଖିରେ ଦେଖିଛି । ସେହି ଦିନଠାରୁ ଯଦି କେହି ଆଦିବାସୀ
ଲୋକ ଦରଖାସ୍ତ କରୁଛି, ତା କଥା ସରକାର ଭଲ ଭାବରେ ଶୁଣୁଛନ୍ତି ।
ଯଦି ପହଲ ଆସି ଦରଖାସ୍ତ କରିଦିଏ ତାହା ହେଲେ ତା କଥା ନିଶ୍ଚୟ ଶୁଣା-
ଯିବ, ଏ ଭାବନା ତାଙ୍କ ମୁଣ୍ଡରେ ଖେଳୁଥାଏ ।

—ପଇଁଭାଳିଶି—

ତାର ପ୍ରମାଣ ସ୍ୱରୂପ ସେ ଦେଖୁଛନ୍ତି ଯେ, ମଟରରେ, କଚେରୀରେ, ସ୍କୁଲରେ, ହରିଜନ, ଆଦିବାସୀ ସଂଖ୍ୟା ବଢିବାକୁ ଲାଗିଛନ୍ତି । ପ୍ରତିଥର ଚାକିରୀ ପାଇଁ ବିଜ୍ଞାପନ ବାହାରିଲେ ସେଥିରେ ଏକଥା ନିଶ୍ଚୟ ଲେଖାଥିବ ଯେ ହରିଜନ, ଆଦିବାସୀ ଯୁଦ୍ଧ ଫେରନ୍ତା, ବିତାଡ଼ିତ ପାକିସ୍ଥାନ ଲୋକଙ୍କ ନିମନ୍ତେ ବୟସ ସ୍ୱତନ୍ତ୍ର ବିଚାର କରାଯିବ ଓ ତଦ୍ ସଙ୍ଗେ ସଙ୍ଗେ ପ୍ରଥମ ସୁବିଧା ତାହାଙ୍କୁ ମିଳିବ । ହୋଇ ପାରେ କେତେକ କ୍ଷେତ୍ରରେ କାମରେ ନ ହୋଇ ପାରେ, କିନ୍ତୁ ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ମିଳିବାର ବାଟ ରଖା ଯାଇଛି । ବିଶେଷତଃ ଓଡ଼ିଶାରେ ଆଦିବାସୀ ବହୁଳ ସ୍ଥାନ ହୋଇଥିବାରୁ ଓ ସେମାନେ ଅନୁନ୍ନତ ଥିବା ଦୃଷ୍ଟିରୁ ପ୍ରଥମ ସୁବିଧା ତାଙ୍କ ପାଇଁ ରଖାଯାଇଛି । ଜମିଦାର ଜାଣେ ଯେ ପଇସା ଦେଲେ ସବୁ ଅସାଧ୍ୟ କାମ ସାଧ୍ୟ ହୋଇ ପାରେ ବୋଲି । ଆଉ ଆକାଶ ପାତାଳ ନଭାବି, ଗୋଟେ ମାସ ଗଡ଼ାଇ ଦେବାକୁ ପେସ୍କାରବାବୁଙ୍କୁ କହିଥିଲା । ପେସ୍କାରଠାରୁ ନିର୍ଭର ଜବାବ ପାଇଲା ପରେ, ଦଖଲ ବେଳକୁ ଭଲ ଭାବରେ ପୁରସ୍କୃତ କରିବାର ପ୍ରତିଶ୍ରୁତି ଦେଇ ଫେରିଲା ଆମୋକ୍ତାରକୁ ନେଇ ସେଠାରୁ ।

ଦିନ ଚକପରି ଗଡ଼ି ଚାଲିଛି, ଏ ମଧ୍ୟରେ ଏକ, ଦୁଇ କରି ଦୁଇମାସ ଗତ ହୋଇଗଲାଣି । ଦଖଲ ପ୍ରାର୍ଥନା ଏକ ମାସପରେ ଜମିଦାର ଜିତି ସାରିଛନ୍ତି । ଜମିଦାର ଯେପରି ତଦ୍‌ଦ୍ଵାର ଆମୋକ୍ତାର ସେହିପରି ତଦ୍‌ଦ୍ଵାର-ଦାର । କେହି ସେଥିରେ ଊଣା ନୁହନ୍ତି । ଜମିଦାରବାବୁଙ୍କୁ ଦେଖିଲେ ମନେହୁଏ ଯେ ଯେପରି ଜଣେ ନିଷ୍କପଟ, ନିରାଡ଼ମ୍ବର ଲୋକ ବୋଲି ।

ସବୁବେଳେ ଆମୋକ୍ତାର ସେରେସ୍ତାରେ ବସି ଗୋଟେ ଡିବାରୁ ପାନ ବାହାର କରି ଚୋବାଉଥା'ନ୍ତି । ଦେହରେ ଗୋଟିଏ ପଞ୍ଜାବୀ, ତହିଁ ପରେ କି ଖରା କି ଶୀତ ସବୁଦିନେ ଗୋଟେ ଚଦର ଚଉଡ଼ା କରି ପକାଇଥାନ୍ତି । ମୁଣ୍ଡରେ ତଳକଟା, ଗୋଡ଼ରେ ବିଦ୍ୟାସାଗରି ଚଟି । ବୟସ ପଚିଶ ହୋଇଯାଇଛି । କାରଣ ମୁଣ୍ଡର ବାଳଗୁଡ଼ିକ କଳା ଉପରେ ଇଷତ୍ ଧଳା ଦେଖା ଗଲାଣି । କିନ୍ତୁ ବାବୁଙ୍କ କାମରୁ ଜଣାପଡ଼େ ଯେପରି ବୁଦ୍ଧିଟି ତୀକ୍ଷ୍ଣ ହୋଇଉଠିଛି ।

—ଛଅଟି—

ତାର ପ୍ରମାଣ ଏହିଯେ, ବାବୁ ଏତେବଡ କାମ ପହିଲି ବରୁଦ୍ଧରେ କଲେ, କେହି ଜାଣି ପାରିଲେନାହିଁ । କଚେରୀରେ ଆମୋକ୍ତାର ସେରସ୍ତାରେ ବସି, ସେହିଠାରେ ନଶାଣଦାର, ଚିହ୍ନଟ ସବୁ ପକାଇ କାଗଜରେ କାମ ହାସଲ କରି ସାରିଛନ୍ତି ।

ଆଶ୍ୱିନ ମାସ ଶେଷ ହୋଇ ଆଦ୍ୟ କାର୍ତ୍ତିକରେ ପଡ଼ିଛି । ଧାନ୍ୟ ବାହାରିବାକୁ ଆରମ୍ଭ କରିଛି । ଆଉ ପାଞ୍ଚଦିନ ପରେ ସବୁ ବାହାରି ପଡ଼ିବ । କଥାରେ ଅଛି "ଆଗେ ବୁଣ, ପଛେ ବୁଣ, ଗର୍ଭଣାକୁ ଠୁଣ, ଠୁଣ ।"

ସେତେବେଳେ କୃଷକର ଆନନ୍ଦ ସବୁଠାରୁ ବେଶି । କୃଷକ ସେତେବେଳେ ଭଗବାନଙ୍କୁ ଜଣାଉଥାଏ ଯେ, ଯେପରି ଆଉ ବର୍ଷା କିମ୍ବା ପବନ ନ ହେଉ । ବର୍ଷା କିମ୍ବା ଝଡ଼ ହେଲେ ଧାନ ଆହାର ଖାଇ ନ ପାରି ପଡ଼ିଯାଏ ଓ ଅଗାଡ଼ି ହୋଇଯାଏ । ଆମ ଦେଶରେ ଆବହମାନ କାଳରୁ ବର୍ଷା ଓ ଝଡ଼କୁ ଅନାଇ ଆଜିପର୍ଯ୍ୟନ୍ତ ସରକାର ବଜେଟ ତିଆରି କରୁଛନ୍ତି । ବର୍ଷା କିମ୍ବା ପବନ ନ ହେଲେ, ଖବର କାଗଜବାଲା ଲେଖି ଦେଉଛନ୍ତି ଯେ ସଂପୂର୍ଣ୍ଣ ଫସଲ ଫଳିଛି ବୋଲି । ମନ୍ତ୍ରୀ, ମେମ୍ବରମାନେ ମଧ୍ୟ ସେହି ଦୃଷ୍ଟିରୁ ହିସାବ ଦିଅନ୍ତି । ଆଉ ଜିଲ୍ଲା କଲେକ୍ଟରଠାରୁ ମଧ୍ୟ ଠିକ୍ ସେହି ମାସରେ ରିପୋର୍ଟ ମଗା ହୋଇଥାଏ ।

ଧାନ ଆଉ କିଛିଦିନ ପରେ କଟାଯିବ, ପହିଲି ନେମୀର ଆନନ୍ଦ କିଛି ହେଉନାହିଁ । ଗୋରୁ, ମଇଁଷି, ଯାଇଛି; ସେ ବିଷୟରେ ଖ୍ରୀମ ବାବୁଙ୍କ ସାହାଯ୍ୟରେ କଲେକ୍ଟରଠାରେ ଗୋଟେ ଦରଖାସ୍ତ ସେମାନେ କରି ଆସିଛନ୍ତି ।

ଏବର୍ଷ ବହୁକଷ୍ଟରେ କୋଡ଼ି କୋଦାଳରେ ତାଡ଼ି ସମ୍ପା ସଙ୍ଗାତଠାରୁ କିଛି ହଳ ଲଙ୍ଗଳ ମାଗି ଆଣି, ମୁଣ୍ଡରୁ ଦନରାତି ଝାଳ ବୁହାଇ ସୁନ୍ଦର କ୍ଷେତ ପ୍ରସ୍ତୁତ କରିଛନ୍ତି ଦୁଇ ଜଣ ମିଳି ।

ଖ୍ରୀମ ପଚ୍ଚାଏତ ଆସିଛନ୍ତି କଲେକ୍ଟରଠାରେ ଦେଇ ଆସିଥିବା ଦାଖଲଟି ଜଣାଇ ଦେବା ନିମନ୍ତେ ।

—ଶଢ଼ଗୃଳିଣି—

ଗ୍ରାମ ପଞ୍ଚାଏତ ପକ୍କା ବ୍ୟବସାୟୀଦ୍ୱାର ହେଲେହେଁ, ଦୁଃଖିଠାରେ କିନ୍ତୁ ସମବେଦନା ଦେଖାଇଥାନ୍ତି ।

ଗ୍ରାମବାବୁ ଯାଇ ପହଞ୍ଚିଲାକ୍ଷଣି ସ୍ୱାମୀ, ସ୍ତ୍ରୀଦୁହେଁ ତାଙ୍କୁ ଗୋଟେ ଖଟିଆରେ ବସାଇ, ନିଜେ ତଳେ ବସିଲେ । ଗ୍ରାମ ପଞ୍ଚାଏତ କହିଲା "କଲେକ୍ଟର ସାହେବ ଖୁଦ୍ ଥିଲେ ମୁଁ ସେଇଦିନ ତୁମକୁ ଠିଆକରି ଗୋରୁ, ମହିଷି ସଙ୍ଗେ ୨ ମୁକୁଲାଇ ଆଣିଥାନ୍ତି । କିନ୍ତୁ ସାହେବତ ସବୁବେଳେ ଗସ୍ତରେ ରହିଲେ, ଆମେ ଦରଖାସ୍ତ ଦେଇ ଆସିଲୁଁ ତାକୁ ଗୋଟେ ଭୁଲ ହୋଇଗଲା । ନିଜେ ରହି ହାତରେ ଦେଇଥିଲେ ହୋଇଥାନ୍ତା । ଆଉ ତାରିଖ ପଡ଼ି ନଥାନ୍ତା ।"

ଗ୍ରାମ ପଞ୍ଚାଏତ ଗୋଟେ ମନଖୋଲା କଥା କହିଲା । ତାକୁ ମଧ୍ୟ ବଡ଼ ବାଧିଲାଣି ଯେ ନାଥୁ ଯେନା ସଙ୍ଗରେ ହାର ମାନିବାକୁ ହେଉଥିବା ହେତୁ । ନିରୀହ ଲୋକ ଦୁଇଟା ଠାରୁ ବହୁ ପଇସା ଖାଇଛି ସେ, କିନ୍ତୁ ଆଜିଯାଏ କିଛି କରି ନପାରୁ ଥିବାରୁ ଲଜ୍ଜିତ ମଧ୍ୟ ।

ଏତିକିବେଳେ ସନାତନ ନାଏକ ପିଆଦା ଟିକିଏ ଦୂରରେ କଚରି ସରକାରି ହୁଦା ପକାଇ ଯାଉଥିଲା । ବୁଢ଼ା ଲୋକ ସେ, ବୟସ ତିନିକୋଡ଼ି ହେବ ପ୍ରାଏ, ଆଉ ଦୁଇଚାରି ବର୍ଷ ପରେ ପେନସନ ନେବ ସେ । ବର୍ତ୍ତମାନ ମଫସଲକୁ ପରୁଆନା ଘେନି ଆସିଥିଲା । କାନ୍ଧରେ ଗୋଟେ ବେଗ୍, ହାତରେ ଗୋଟେ ଖବରକାଗଜ ଗୋଡ଼ା ହୋଇଥିବା ଛୁଆତ ଧରି ଚାଲି ଯାଉଥିଲା । ପଞ୍ଚାଏତ ନଜରରେ ଯେପରି ପଡ଼ିଛି ଯେ ସନାତନ ଯାଉଛି, ପାଟିକରି ଗ୍ରାମ ହୁରି ପକାଇ ଦେଲା । "ହୋ-ସନାତନବାବୁ, ହୋ-ସନାତନ ବାବୁ, ବେଗି, ବେଗି ଏଇ ଆଡ଼କୁ ଆସିବା ହେବେ ।" ସନାତନ ଦେଖିଲା ତାଙ୍କର ପରିଚିତ ଲୋକ ଗ୍ରାମ ପଞ୍ଚାଏତ, ସେଉଠୁ ସେ ଆସି ସେହି ପହିଲା ଘର ଦଉଡ଼ି ବୁଣା ଖଟିଆ ଉପରେ ଗ୍ରାମ ପଞ୍ଚାଏତ ସହିତ ବସିଲା ।

ଇତି ମଧ୍ୟରେ ପହିଲା ନଡ଼ିଆଗଛ ଉପରକୁ ଯାଇ ଦୁଇଟା ପଇଡ଼ ବଛାଇ ଆଣି କାଟି, ଦୁଇଜଣଙ୍କ ହାତକୁ ଦୁଇଟା ବଢ଼ାଇ ଦେଲା । ଦୁଇଜଣ

ପିଇସାରିବା ପରେ, ପନ୍ଦରଣ୍ଟି ଦୁଇମେଞ୍ଚା ଦୋକ୍ତା ବାହାର କରି ଖଇରରେ ଦୁଇଟି ପିଜା କରି ବଢ଼ାଇ ଦେଲା । ପିଅନବାବୁ ନିଜର ବେଗ୍‌ରୁ ଦିଆସିଲେଇ ବାହାର କରି ଲଂଗୋଳ ଦେଇ କଥା ଆରମ୍ଭ କଲେ । ସରଦାର ପୁଅ ଓ ବନ୍ଧୁଙ୍କୁ ଏ ଗୋଟେ ବଡ଼ ହାକିମ ପରି ଲାଗିଛି । ସେମାନେ ତାଙ୍କର ଯଥାସାଧ୍ୟ ଚେଷ୍ଟା କରୁଛନ୍ତି କିପରି ସେ ପିଅନଙ୍କୁ ସନ୍ତୁଷ୍ଟ କରିବେ । କାରଣ ଏମାନେ ତ କେବେ ହାକିମ ହୁକୁମା ଆଗରେ କଥା କହି ନାହାନ୍ତି, ଚୌକିଦାର ଜଣେ ଶ୍ରେଷ୍ଠ ସରକାରୀ ଚାକିରି ପରି । ଏ ଦୁଇ ପରାଣୀଙ୍କ ମନରେ ଗୋଟିଏ ଆନନ୍ଦ ଆସିଥାଏ ଯେ, ଯଦି ହାକିମ ଦୟାକରି ତାହାଙ୍କ ଦୂତ ଏହି ପିଅନ ଦ୍ୱାରା, କିଜାଣି ତାହାଙ୍କ ମହିଷି ବଳଦ ଇତ୍ୟାଦି ଖଇସ କରିବାକୁ ପଠାଇ ପାରିଥାନ୍ତି କିମ୍ବା କିଛି ଖବର ପଠାଇ ପାରିଥାନ୍ତି । ପଞ୍ଚାଏତ ପୁଅ ଆଉ ସେ ପିଅନ ଦୁହିଙ୍କ କଥାଭାଷାରୁ ଜଣାଗଲା ଯେ ଅନେକ ପିଅନ ପଇସା ଲୋଭରେ ଗରିବ ଲୋକଙ୍କ ସର୍ବନାଶ କରନ୍ତି । ସେହିଭଳି ପିଆଦା ତାଙ୍କର ଯେ ସର୍ବନାଶ କରି ସାରିଛି ଏକଥା ଅବା କାହୁଁ ସେ ଜାଣିବେ ?

ପିଆଦାଟି ବୁଢ଼ା ଲୋକ, ପଇସା ଜୀବନରେ ବହୁତ ରୋଜଗାର କରିଛି । ବର୍ତ୍ତମାନ ବୟସ ହୋଇ ଗଲାଣି, ଆମିଷ କିମ୍ବା ମାଂସଟିଏ ଖାଇବାକୁ ଭଲପାଏ ବୋଲି ପ୍ରକାଶ କରିବାରୁ ଭୀମ ତାହାକୁ ତାର ଘରକୁ ନେଇଗଲା ।

ଯିବାବେଳେ ବାଟକୁ ଗୋଡ଼େଇ ଗୋଡ଼େଇ ସରଦାରପୁଅ, ବନ୍ଧୁ ଗଲେ ଓ କହି ଆସିଲେ ଯେ ଯଦି ଏଥର ଭୀମବାବୁ କାମ ହାସଲ କରି ଆସନ୍ତି ତାହାହେଲେ ଏ ଧାନକାଟିଲେ ତାହାର ଖଟଣି ଭଲ ଭାବରେ ଦେବେ ।

ସରଦାର ପୁଅ ବନ୍ଧୁ, ଭୀମକୁ ବିଦାୟ ଦେଇ ଆସି ଲାଗିଗଲେ ନିଜ ନିଜ କାମରେ । ବାରମାସରେ ବାର କାମ, କାର୍ତ୍ତିକ ମାସରେ ତେର କାମ ବୋଲି ଗାଁରେ ଗୋଟେ କଥା ପ୍ରଚଳନଅଛି । ଧାନ ଘରକୁ ଆଣିବା ଆଗରୁ ସେ ସବୁ କାମ କରିବାକୁ କୃଷୀ ପରିବାରକୁ ହୋଇଥାଏ ।

— ଅଣଗୃଣ —

ପହିଲୁ, ନେମୀର ଆନନ୍ଦ ଯେ, ଦା ଦେଇ ଧାନ କାଟିବାକୁ ବାହାରିବା ଆଗରୁ ଖଳାବାଡ଼ି କାମ ଅମାର କାମ, ଇତ୍ୟାଦି ଶେଷ ହେବା ଦରକାର । କାରଣ ଏ ବର୍ଷ ଭଲ ଫସଲ ଫଳିଛି । ବହୁ ଦୁଃଖ ବର୍ଷକ ମଧ୍ୟରେ ଭୋଗି-ଲେଣି ଦୁହେଁ । ଧାନ ଆଣିଲେ ଗୋରୁ ଗାଈ କିଣାଯିବ, ପୁଣି ଏକ ଗୃହୀ ପରିବାରର ଉପକରଣମାନ କରି ପକାଇବେ । ଧାନହିଁ ତାଙ୍କର ସମ୍ବଳ, ସୁନାର କ୍ଷେତ ଯେତେବେଳେ ପବନରେ ଦୋହଲି ଉଠେ, ଚାଷୀ ମନ କୁଣ୍ଢେ ହୋଇଯାଏ । କାରଣ ଧାନ କଟା ପରେ ସେ ସୌନ୍ଦର୍ଯ୍ୟ ଜମିରୁ ଚାଲିଯାଏ । ଚାଷୀର ମଧ୍ୟ କାମ ରହେନାହିଁ, ପୁଣି ଚାରିମାସ ବୁଲିଖାଏ । କୌଣସି କାମ ତା ସମ୍ମୁଖରେ ଥାଏ ନାହିଁ ।

ପୁଣି ଆକାଶକୁ ଚାହିଁଥାଏ । ବର୍ଷା ହେଲେ ଲଙ୍ଗଳ ବାହାର କରିବ ବୋଲି । ଏହିତ ଓଡ଼ିଆର କୃଷକ ଜୀବନ । ବର୍ଷରେ ଛ'ମାସ ବଳରେ ଖଟି, ଅନ୍ୟ ଛ'ମାସ ବେକାର ଜୀବନ କାଟୁଛନ୍ତି । ଧାନକଟା ହେଲା ଦିନରୁ ତାକୁ ବଳ ମୁଣ୍ଡରୁ ବନ୍ଧୀ କରିବାକୁ ହୁଏ । ଏ ଜାତକୁ ସେଥିରେ ବାରପୁର୍ଣ୍ଣିମା, ତେରପର୍ବ, ଝିଅ ବିବାହ, ଖଜଣା, ଟିକସ, ଦେବାକୁ ହେବ । ଲୁଗା ଖଣ୍ଡେ, ଗାମୁଛା ଦୁଇଖଣ୍ଡ ଖରିଦ କରି ସାରିବା ପରେ ତାର ଆଉ ସମ୍ବଳ ରହେନାହିଁ । କାରଣ ଧାନଠାରୁ ଅନ୍ୟ ସମସ୍ତ ଦ୍ରବ୍ୟର ଦର ବହୁଗୁଣ । ତାକୁ ଗଣ୍ଡେଖାଇ ଦଣ୍ଡେ ଜୀଇଁବା ପାଇଁ କେବଳ ଭଗବାନ ଜନ୍ମ ଦେଇଛନ୍ତି । ସମାଜ ଏହାର ବିଚାର କରିବ ଦିନେ ଏହାର ପରିବର୍ତ୍ତନ କରି କୃଷକକୁହିଁ ସର୍ବ ଶ୍ରେଷ୍ଠ ସ୍ଥାନ ଦେବ ।

—ପରିଶ—

# ଦଶ

ମାର୍ଗଶୀର ମାସ ଅଧାଅଧିରୁ ଦୁଇ ଚାରିଦିନ ଗଡ଼ି ଯାଇଛି, ଦିନେ ସକାଳୁ ପଦ୍ମଲି ଉଠି ଗୋଟେ ବାଉଁଶକୁ ଫାଳକରି କଲେଇ ବୋହିବା ପାଇଁ ବାହୁଙ୍ଗୀ ତିଆରି କରିବାକୁ ଯାଇଛି, ଦୂରରେ ସେ ଦେଖିଲା ଯେ, ତା ବାପ ଯେଉଁ ଗୁମାସ୍ତାକୁ ଧରି ଅନୁମତି ପାଇଥିଲା ଜମି, ଯେଉଁ ଗୁମାସ୍ତା କଥାରେ ନାଟୁ ଯେନାକୁ ସର୍ବସ୍ୱ ଦେଇ ଆସିଛି, ଯେଉଁ ଗୁମାସ୍ତାକୁ ସେ ଧାନ ଅମଳ କଲାପରେ ଅଧେ ଦେଇଆସେ, ସେହି ଗୁମାସ୍ତା ଚାଲିଛି ଆଗରେ ତା ପଛରେ ବହୁତ ଗୁଡ଼ିଏ ଲୋକ ବିଭିନ୍ନ ସ୍ଥାନରୁ ଚାଲିଛନ୍ତି ଧାଡ଼ିଧରି। ତାଙ୍କ ପଛରେ ଚାଲିଛି ଜମିଦାରର ପିଆଦା, ଶେଷରେ ମାଇତିବାବୁ (ମାଇତି କହିଲେ ଓଡ଼ିଶାରେ ଆଗେ ଯେଉଁମାନେ ମାହାନ୍ତି ବୋଲାଉ ଥିଲେ, ମେଦିନୀପୁର ଓଡ଼ିଶାରୁ ଯାଇ ବଙ୍ଗଳାରେ ମିଶିଲା ଦିନରୁ ସେମାନେ ମାଇତି ଆଖ୍ୟା ଧରିଛନ୍ତି) ଚାଲିଛନ୍ତି।

ଦେଖୁ ଦେଖୁ ସମସ୍ତେ ଗୋରୁଗୋଠ ଭଳି ପଡ଼ିଗଲେ ପଦ୍ମଲି ଜମିରେ ସେ ଦରପାଚିଲା ଧାନକୁ କାଟିବାକୁ। ଏ ଘଟଣା ଦେଖି, ପଦ୍ମଲି, ନେମୀ ଦୁହେଁ ତାଟକା। କାରଣ କ'ଣ ? ଏଇକଥା ପରସ୍ପରକୁ ପଚାରୁଛନ୍ତି, ଦିନଟାରେ ଏମାନେ ଆସି ଧାନସବୁ ଡକାୟତ ଭଳି କାଟି ନେଉଛନ୍ତି ? ଉପାୟ କ'ଣ ?

ଏହାପରେ ପଦ୍ମଲି ହତଜ୍ଞାନ ହୋଇଗଲା। ତାକୁ ଅନ୍ଧାର ଦେଖାଗଲା। ସେ କ'ଣ କରିବ ଆଉ ସ୍ଥିର କରିପାରିଲା ନାହିଁ। ତାର ମୁଣ୍ଡ ବୁଲାଇ

ଦେଲା । ସେହି ସମୟରେ ପଦ୍ମଲା ଧରିଥିବା ବାଉଁଶ ଫାଳିଆକୁ ଧରି, ନିଜର ଜୀବନକୁ ଫଣ ରଖି ଧାଇଁବାକୁ ଉଦ୍ୟତ ହେଲା ସେମାନଙ୍କୁ ଲକ୍ଷ୍ୟ କରି । ନେମୀ, ପଦ୍ମଲାର ଏ ରାଗ ଦେଖି ବୁଝି ପାରିଥିଲା ଯେ, ପଦ୍ମଲା ନିଶ୍ଚୟ କୁଇଗୃରିଷ୍ଟା ମାରିପକାଇବ । ତେଣୁ ସେ ପଦ୍ମଲାର ଗୋଡ଼ଧରି ତଳେ ଲୋଟି ପଡିଲା । ଅସହାୟ ନାରୀ, କେହି ତାର ଭରସା ନାହିଁ । ସ୍ୱାମୀ କେବଳ ଭରସା, ସେହିକଥା ସୂଚାଇ ଦେବାରୁ ପଦ୍ମଲା ପ୍ରକୃତିସ୍ଥ ହେଲା । ତା'ର ଆଖିରୁ ଦୁଇଧାର ଲୁହ ବହି ଯାଉଥାଏ । ସମସ୍ତ ଦେହଟି ତାର ଥରୁଥାଏ ବରଡ଼ା ପତ୍ରଭଳି । ସ୍ତ୍ରୀର ଅନୁରୋଧ ସେ ଏଡ଼ି ଦେଇ ପାରିଲା ନାହିଁ । ତା ହାତରୁ ବାଉଁଶ ଫାଳିଆଟି ଖସି ପଡ଼ିଲା । ସେ ବସିଗଲା କିଛି କ୍ଷଣ । ତତ୍ପରେ ଉଠି ସ୍ୱାମୀ ସ୍ତ୍ରୀ ଦୁହେଁ ବାହାରି ପଡ଼ିଲେ ପଞ୍ଚାୟତ ଘରକୁ । ଭୀମବାବୁ କେବଳ ଏକମାତ୍ର ସାହା ତାଙ୍କର । ତାଙ୍କୁ ବୁଝି ପରାମର୍ଶ ଯାହା କରିବାକୁ ହେବ ।

ଲୋକମାନେ ଧାନ କାଟୁଥାନ୍ତି, କିନ୍ତୁ ମନରେ ସବୁବେଳେ ଭୟ ମଧ୍ୟ ଥାଏ ଯେ, କିଜାଣି ପଦ୍ମଲା ରାଗିଯାଇ କାହାରି କ୍ଷତି କରି ପକାଇବ ? ସେଥିପାଇଁ ପଦ୍ମଲା ପ୍ରତି ସମସ୍ତଙ୍କର ନଜର ମଧ୍ୟଥାଏ ।

ପଦ୍ମଲା ଅନ୍ୟ ଆଡ଼କୁ ଆଗେଇ ଚାଲିବାର ଦେଖି, ଲୋକମାନେ ଧାନ କାଟିବାକୁ ମନ ଦେଲେ । ଗୁମାସ୍ତା, ମାଇତିବାବୁ ବସି ହିଡ଼ ଉପରେ କଥାଭାଷା ହେଉଥାନ୍ତି । ଧାନ କାଟି କେଉଁଠାକୁ ବୋହିନେବେ, ପୋଲିସ କିଜାଣି ଆସିଲେ ଝାମେଲା କରି ବସିବ । ଏହି ସବୁ ନାନା କଥାବାର୍ତ୍ତା ଚଳାଇ ଥାନ୍ତି ହିଡ଼ ଉପରେ ବସି ।

ଭୀମବାବୁ ଗତ ରାତିରୁ ଏସବୁ ବିଷୟ ଘଟିବ ବୋଲି ଅଳ୍ପ ଖବର ପାଇଥିଲେ । କିନ୍ତୁ ଯେତେବେଳେ ନେମୀକୁ ଓ ପଦ୍ମଲାକୁ ସକାଳୁ ଦେଖି ପକାଇଲେ, ସେତେବେଳେ ଧାଇଁଆସି ବୁଝିନେଲେ ଯେ ଘଟଣା କ'ଣ ହୋଇଛି । ଆଉ କାଳ ବିଳମ୍ବ ନକରି ପଦ୍ମଲାକୁ ସଙ୍ଗରେ ଧରି ଧାଇଁଲେ ପୋଲିସ ଥାନାକୁ ।

ପୋଲିସ ଥାନା ବାଟ ଏକକୋଶ ହେବ, ବାଟ ଅବାଟ ନମାନି ପହୁଞ୍ଚିଗଲେ ଏ ଦୁହେଁ ଥାନା ପାଖରେ । ପୋଲିସଙ୍କ ଏକଥା ଆଗରୁ ବୁଝି ସବୁ ବାଟ ବତାଇ ଦେଇଥିଲି ମାଇଝବାବୁ ଆଉ ଜମିଦାର ଲୋକଙ୍କୁ । ଭୀମବାବୁଙ୍କୁ ମଧ୍ୟ ଜଣା ଯେ, ଥାନା ଅଞ୍ଚଳରେ ଯାହା ଯେଉଁଠାରେ ଘଟୁଛି, ପୋଲିସବାବୁ ଆଗରୁ ତାହା ଜାଣନ୍ତି । କାରଣ ବଡ଼ ଦାରୋଗାବାବୁଙ୍କ ଅଜ୍ଞାତରେ କୌଣସି କାମ ଘଟି ପାରିବ ନାହିଁ, କି ପାରେ ନାହିଁ । କେବଳ କେତେକ ଆକସ୍ମିକ ଘଟଣା ଛଡ଼ା ଆଉ ସବୁଥିରେ ନିଶ୍ଚୟ ପୋଲିସର ପ୍ରଚ୍ଛନ୍ନ ହାତଥାଏ ବୋଲି ଭୀମବାବୁଙ୍କୁ ବେଶ ଜଣା ।

ଭୀମବାବୁଙ୍କୁ ଦେଖିଲାକ୍ଷଣି ଦାରୋଗାସାହେବ ବୁଝି ନେଲେ ଯେ ଗତକାଲି ରାତିରେ ମାଇଝବାବୁ ଓ ଜମିଦାର ଯେଉଁ କଥାପାଇଁ ମୋତେ କହି ସଲାମୀ ଦେଇ ଉପଦେଶ ନେଇଗଲେ, ସେଇଥିପାଇଁ ଏମାନେ ନିଶ୍ଚୟ ଆସିଥିବେ ।

ପରସ୍ପର ନମସ୍କାର ଆଦାନ ପ୍ରଦାନ କରିସାରି ଭୀମବାବୁଙ୍କୁ ଡାକିବାରେ ଭୀମବାବୁ ଦାରୋଗା ନିକଟରେ ପଡ଼ିଥିବା ଖଣ୍ଡେ ଚେୟାର ଟାଣି ବସିଲେ । ପହଲି ବସିଗଲା ଦୂରରେ ଛିଡ଼ା ହୋଇଥାଏ । ଭୀମ ପଛୁଆଏଡ ତାକ ଦେଲେ ପହଲିକୁ ଯେ ତା ଦୁଃଖ ଶୁଣାଇବାକୁ ।

ଦାରୋଗାବାବୁ ଆଉ ଶୁଣିବାକୁ ପ୍ରସ୍ତୁତ ନହୋଇ କହିଲେ— "ଆପଣ ଭୀମବାବୁ କହୁଛନ୍ତି, ଗୋଲମାଲ ହେବାର ସମ୍ଭାବନା, ଜମିବାଡ଼ି ମୋକଦ୍ଦମା, କ'ଣ ଅବା ପୁଲିସ କରନ୍ତା ?" "ହେଉ ତେବେ" କହି ଡାଇରି ଟାଣିଆଣି ଦୁଇଜଣ ପୋଲିସ କନେଷ୍ଟବଳଙ୍କୁ କହିଲେ ଯେ, ସେମାନେ ତୁରନ୍ତ ଯାଇ ଧାନକଟା ଜମିରେ ହାଜର ହୋଇ ଧାନକଟା ବନ୍ଦ କରନ୍ତୁ ।

ହୁକୁମ ପାଇ ଦୁଇଜଣ ସିପାହି ଧାଇଁଲେ ଧାନକଟା ବନ୍ଦ କରିବା ପାଇଁ । ଭୀମବାବୁ ଉଠିପଡ଼ିବାକୁ ବାହାରିବା ବେଳକୁ ଦାରୋଗାବାବୁ ବସାଇ

ପଚାରିଲେ ଯେ ଯଦି ଧାନକଣ୍ଠା ବନ୍ଦକରି କାମ ହାସଲ କରାଯାଏ, ତାହାହେଲେ ପହିଲଠାରୁ କେତେ ମିଳିବାର ଆଶା ଥାଇପାରେ ।

ଭୀମ ପଞ୍ଚାଏତ ଆଉ ସେ ଭୀମ ବର୍ତ୍ତମାନ ନାହିଁ । ବହୁ ଲୋକଙ୍କର ଦୁଃଖ ଦେଖି ସୁଦ୍ଧା ସେ କଦାପି ଅଧୀର ହୋଇ ନଥିଲା ଜୀବନରେ । ମାତ୍ର ଆଜି ସେ ଆଉ ନିଜକୁ ସମ୍ଭାଳି ପାରୁନାହିଁ । ଗରିବ ଲୋକ ଉପରେ ସମାଜର ସବୁ ସ୍ତରରେ ଫାନ୍ଦ ବସା ହୋଇ ହରକତ କରାହେଉଅଛୁ ବୋଲି ଆଜି ତାର ଚୈତନ୍ୟ ଉଦୟ ହୋଇଛୁ ।

ସେ ପୋଲିସକୁ କହିଲା "ବାବୁ ଆପଣ ଯଥେଷ୍ଟ ପାଇଥିବେ ଜମିଦାର-ଠାରୁ, କିନ୍ତୁ ଏ ଗରିବର ସର୍ବନାଶ ବେଳେ କିପରି ଆପଣ ଏକଥା କହୁଛନ୍ତି ।"

ଦାରୋଗା "ଆରେ ପଞ୍ଚାଏତ ବାବୁ ! ଆପଣ କ'ଣ ଆଜି ନୂଆକଥା କହୁଛନ୍ତି ? ଆହେ ! ଆପଣ ତ ବେଶ ନିଜର ବ୍ୟବସାୟ ଚଳେଇଛନ୍ତି, ସେତେବେଳକୁ ଗରିବର ସର୍ବନାଶ ହେଉ ନାହିଁ । ହେଉ ଚାଲ, ତୁମେ କହୁଛ ଯେତେବେଳେ," ଦାରୋଗାବାବୁ ଜଣେ ଆଦିବାସୀ ଲୋକ ଦେଖି ଚୌକି ଗୁଡ଼ି ମଫସଲ ଗସ୍ତ ଯିବାର ସିଦ୍ଧାନ୍ତ କଲେ । ମାତ୍ର ଭୀମବାବୁଙ୍କୁ କହି ଦେଇ ଥିଲେ ଯେ, ସେ ଯାଇ ତାଙ୍କର ଘରଠାରେ ଭାତ ଖାଇବେ । ପହିଲଠାରେ ନିଶ୍ଚୟ ଛେଳି କିମ୍ବା କୁକୁଡ଼ା ଥିବ ତାହା ଯେପରି ସେ କିଛି ପାନ୍ତି ସେକଥା ମଧ୍ୟ ଭୀମକୁ ଦାରୋଗା ସୂଚାଇ ଦେଇଥିଲେ । ଭୀମ ଚାଲି ଆସିବା ପରେ ଦାରୋଗାବାବୁ ଗାଧୋଇବାକୁ ଗଲେ । ଗାଧୋଇ ପାଧୋଇ ବସୁଥିବା ଅଳ୍ପ ଗୀତା ଭାଗବତ ପଢ଼ନ୍ତି । ସାରାଦିନର ପାପପୁଣ୍ୟ ଭାର ଧର୍ମ ନାମରେ କିଛି ଶୁଝି ଦେବାକୁ ପଡ଼େ ତାଙ୍କୁ, ତେଣୁ ସେ ଗୀତା ଭାଗବତ ପଢ଼ିବାର ଅଭ୍ୟାସ ରଖିଛନ୍ତି ।

ଦାରୋଗାବାବୁଙ୍କର ସ୍ତ୍ରୀ ଦେଖିଲେ ବାବୁ ବାହାରକୁ ଯିବାର ସ୍ଥିର କଲେ ସାରିଲେଣି । ସେ ମଧ୍ୟ ସେତେବେଳେ କହି ବସିଲେ ଯେ ଯଦି ପାରନ୍ତି ହାଟରୁ ଭଲ ଚୌପାକଣ୍ଠା ଶାଢ଼ୀ ଏକଯୋଡ଼ା ନେଇ ଆସିବ

ଦାରୋଗା ଅଳ୍ପ ବିରକ୍ତ ହୋଇ କହିଲେ, "ଗଲାକାଲିତ ସେ ଜମିଦାର ମାଇଢ, ପାଉଣା ଦେଇ ଗଲେ ତାକୁତ ଆଜି ସକାଳେ ଭଲ ଢଙ୍ଗର ଗହଣା ବନାଇବା ପାଇଁ ବରାଦ ଦେଇଦେଲି, ସେଇ କାମରେ ଯାଉଛୁ ପୁଣି କ'ଣ ଇଗାଦ କରୁଛମ ।"

"ବାବୁଙ୍କ ସ୍ତ୍ରୀ ଅଳ୍ପ ବିରକ୍ତ ହୋଇ କହିଲେ ମଲମୋ, ମୁଁ ତ ଝରକା ଫାଙ୍କରେ ଦେଖୁଥିଲି ଆଉ ଜଣେ ବାବୁ ଜଣେ ଆଦିବାସୀ ଲୋକ ଘେନି ଆସିଥିଲେ, ସେଇଥିପାଇଁ କହିଥିଲି, ନ ହେଲି ମୋର କଥା ଫେରାଇ ଦିଅ ।" ପୁଣି କହିଲି "ମଲମ, ଯୋଗାଣ ଅଫିସର ଜଣେ କରାଣୀ ମାଇପର ଗହଣା କମ୍ବା ଲୁଗା ଦେଖିଲେତ ତୁମେ ଲୁନିଆ ହୋଇଯିବ । ଦାରୋଗା ହୋଇ କ'ଣ ଗୋଟେ ହେଲ ।" ବାବୁ କହିଲେ "ଆଜି ଛୁଛା ହାତରେ ଫେରିଲି ଭଲ ଲାଗୁଛି ।" ବାବୁଙ୍କ ସ୍ତ୍ରୀ କହିଲେ "କିଛି ନ ହେଲେ ପାଉଡର, ସ୍ନୋ କିଛି ତେଣୁ ଘେନି ଆସିବ, ଘର ଲୁଡ଼ି ଯାଉଛ, ତୁ ମୁଣ୍ଡାରେ କପର ଫେରିବ ।"

ବାବୁ ବାହାରି ପଡ଼ିଲେ ସାଇକଲ ଚଢ଼ି ଜମି ପାଖକୁ । ପୂର୍ବରୁ ସିପାହିମାନେ ଯାଇ ଧାନ କଟା ବନ୍ଦ କରିଥିଲେ । ପହିଲି ଯାଇ ଗୋଟେ କୁକୁଡ଼ା ଶୀଘ୍ର ଆଣି ବାବୁଙ୍କ ଭୋଜନ ପାଇଁ ପଞ୍ଚାଏତ ଦ୍ୱାରେ ଦେଇ ଆସିଲି । ପଞ୍ଚାଏତ ବିରକ୍ତ ହୋଇ କହିଲେ ଯେ ଆଉ ଏ ପିଶାଚ ଦାରୋଗାକୁ ପୁଣି ଖୁଆଇବାକୁ ହେବ । ସେ ନଷ୍ଟସ୍ପୃ ଜାଣିଶୁଣି ଚୋର ସର୍ବନାଶ କରିଛି, ହେଉ ସେ କ'ଣ କରୁଛି ମୁଁ ଦେଖେଁ । ଏକଥା କହି ସେ ଦାରୋଗା ଖିଆପିଆର ବ୍ୟବସ୍ଥା କଲେ ।

ପହିଲି ବଳରେ ପ୍ରାୟ ଅଧାଅଧି ଧାନକଟା ସରିଥିଲା । ସିପାହିମାନେ ବାରୁ ଆଉ କଟା ହୋଇ ନଥିଲା । ତେଣୁ ସମସ୍ତଙ୍କୁ ସେଠାକୁ ଡକାଇ ନେଲେ । ଜମିଦାର ପକ୍ଷରୁ ସାକ୍ଷୀ କରାଇ ଦେଲେଯେ ମାଇଢବାବୁ ଗୁପ୍ତ ରଛନ୍ତି ଓ ହାକିମ ଜମିଦାରଙ୍କୁ ଦଖଲ ଦେଇଛନ୍ତି ପ୍ରଜାକୁ ଉଠାଇ । ହିଲି ତାର କଥା କହିଲି ତାକୁ ସାହାଯ୍ୟ କରିବାକୁ ଦୁଇଜଣ ଜମି

ମାଲିକଙ୍କର ଭାଗଚାଷୀ ଆସିଲା ବେଳେ ତାଙ୍କୁ ଅଟକାଇ ଦିଆଗଲା ବାଟରୁ ଭୀମବାବୁ କହିଲେ ଯେ ପହିଲା ଚାଷ କରିବାର ସେ ନିଜେ ଦେଖିଛନ୍ତି ସେ ଘନଘନ ପହିଲା ଘରଠାକୁ ଯାଇଛନ୍ତି । ଏତିକରେ ପୋଲିସବାବୁ ଧାନସବୁ ବନ୍ଧ କରି ପଞ୍ଚାୟତର ସରପଞ୍ଚ ଜିମା ଦେଇ ଧାନ ବାଜାତକ ପାଚିଗଲେ କାଟି କୋର୍ଟରେ ଜମା ଦେବାକୁ କହିଲେ ।

ଧାନ ବିଡ଼ାମାନ ବନ୍ଧା ଯାଇ ଗଣତି କରିଆସି ବାବୁ ଦିବ୍ୟ ଆହାରରେ ବସି ଗଲେ ।

ପହିଲା କାନ୍ଦି କହିଲା "ବାବୁ ସବୁ ମୋର ଯାଇଛି ଦୟାକରି ଏହି ବର୍ଷର ଧାନ ମୋତେ କରିଦେଲେ ମୁଁ ଆପଣଙ୍କ ଚାକର ହୋଇ ରହିବି"

ଦାରୋଗାବାବୁ କହିଲେ "ଇବେ ତୁ ଆଗରୁ ଯାଇ ମୋର ଅନୁସରଣ କଲୁନାହିଁ, ମୋର ହାତରେ ଆଉ କୌଣସି କ୍ଷମତା ନାହିଁ । ଫକୀର ରଣ ସରପଞ୍ଚଙ୍କୁ ରସିଭର କରି ଦେଲିଣି, ଧାନ ତାହାର ଜିମାରେ ରହି ଗଲିଣି ।" ଏ କଥା ଶୁଣି ପହିଲା ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ିଲା । ସେ ଦେଖିଛି ଯେ ପଞ୍ଚାୟତ ହାତରେ ସେ କି ସ୍ଥାନ-ମାନ ନ ହୋଇଛି । ସେ ଆଉ କିଛି ଭରସା ରଖି ପାରିଲା ନାହିଁ କଉଁଠାରୁ ନ୍ୟାୟ ପାଇବା ପାଇଁ ।

ସରପଞ୍ଚବାବୁ ଧାନକଟା ଦାୟିତ୍ୱରେ ରହି ସବୁ ବିଡ଼ା ନିଜ ଖଳାକୁ ବୋହିନେଲେ । ଧାନ ସବୁ ଏପରି ଭାବରେ ନାରଖାର କରି ହୋଇ କଟା ହେଉଥିବାର ଦେଖି ପହିଲାର ଦେହ ସହୁ ନଥାଏ । ସେ କେବଳ ସେହି ଜମି ଆଡ଼କୁ ଅନାଇ ରହୁଥାଏ, ଆଉ ପୂର୍ବ କଥାମାନ ସବୁ ଭାବୁଥାଏ ।

ପଞ୍ଚାଏତବାବୁ ଆଉଥରେ କମର ଭିଡ଼ିଲେ ସେ ପରିବାରଟିର କିଛି ଉପକାର କରିବା ପାଇଁ । ସେମାନଙ୍କର ଆଉ କିଛି ସମ୍ବଳ ନାହିଁ । ସବୁ ସରିଛି, ନିଜେ ପଞ୍ଚାଏତ ହାତରୁ ଟଙ୍କା ବାହାର କରି, ବାହାରିଲେ ମକଦ୍ଦମା ଲଢ଼ିବା ପାଇଁ ।

—ଛପନ—

କିଛୁଦିନ ଗଡ଼ିଗଲା ପରେ ଗ୍ରାମବାବୁ ତାଙ୍କୁ ନେଇ ଗଲେ କଚେରୀରେ ମୋକଦ୍ଦମା ଲଢ଼ି ଧାନ ଉଦ୍ଧାର କରିବା ପାଇଁ । ଏଣେ ମଇଁଷି, ଗୋରୁ ଉଦ୍ଧାର ହୋଇ ନଥିବାରୁ ପହଲା ମନରେ ଆଉ ପରତେ ନଥିଲା ଯେ ତାର ଧାନ ମୁକୁଳା ହୋଇ ପାରିବ ବୋଲି ।

ପେଟରେ ଦାନା ନାହିଁ । ଘରେ କେତୋଟି କୋଦାଳ ଓ ପିନ୍ଧାଲୁଗା ଛଡ଼ା ଆଉ କିଛି ନାହିଁ । ସେ, ମଙ୍ଗ ଅମଙ୍ଗ ହୋଇ ଗ୍ରାମବାବୁଙ୍କ ସହ ନିଜର ସ୍ତ୍ରୀକୁ ନେଇ ଗଲା କଚେରୀକୁ । ଗ୍ରାମବାବୁ କ'ଣ ଜବାବ ଲେଖିଆଣି ତାଙ୍କୁ ଟିପ କରିବାକୁ କହିଲେ । ନେମୀ, ପହଲା ଉଭୟ ସେଥିରେ ଟିପଚିହ୍ନ ଦେବାରୁ ହାକିମ ଆଗରେ ଗ୍ରାମବାବୁ ଦାଖଲ କରିଦେଲେ ।

ହାକିମଙ୍କ ଠାରୁ ଜମିଦାର ଘର ଘନ ଘନ ମହଲତ ନେଉଛି । ଧାନ ସବୁ ମଲା ହେବାର ହୁକୁମ ଚଲିଣି ବୋଲି ପହଲା ଶୁଣିଲା । ତାର କୌଣସି ଭରସା ହେଉ ନଥାଏ ।

ସେ ବୁଝିଛି ଯେ ଗରିବ ଲୋକର କୌଣସି ଠାରେ ନ୍ୟାୟ ପାଇବାର ଦାବୀ ନାହିଁ । ତାର ସତ୍ତ୍ୱରେ ମଧ୍ୟ ହକ ଥାଇ ସେ ସବୁଥିରୁ ବଞ୍ଚିତ ହେଉଅଛି ।

ଦୁଇଜଣ ଯାକଙ୍କ ଆଖିରେ କେବଳ ତାଙ୍କର ଗୋରୁ, ମଇଁଷି ଓ ଧାନ । ଗ୍ରାମ ପଞ୍ଚାଏତ କେବଳ ଅସହାୟର ସହାୟ । ସେମାନେ କଚେରୀରେ ଥିବା ସମୟରେ ଦେଖୁଛନ୍ତି ଯେ ତାଙ୍କ ଜାତିର ବହୁଲୋକ ନିଜ ଜାତିର ବେଶଭୂଷା ଛାଡ଼ି ସାଧାରଣ ନାଗରି ଭଳି ବେଶ ବନାଇ ନିଜନିଜର କାମରେ ବ୍ୟସ୍ତ । ବହୁଥର ଆସି ସେମାନେ ଦେଖିଛନ୍ତି ଯେ, ତାଙ୍କ ସ୍ତ୍ରୀଲୋକମାନେ ନିଜନିଜର ସ୍ୱାମୀ ଛାଡ଼ିଆସି ସହର ବଜାରରେ ପରଶଯ୍ୟାସ୍ତ୍ରୀ ହୋଇଛନ୍ତି ।

କେଉଁ କେଉଁ ସ୍ଥାନରେ ବେଶ୍ୟା, ନାୟିକା ରୂପେ ନିଜର ଜୀବନ-ଯାପନ କରୁଅଛନ୍ତି । କେବଳ ସାମାନ୍ୟ କେତେ ଖଣ୍ଡଲୁଗା ଓ ବିଳାସ ଦ୍ରବ୍ୟ ପାଇଁ, ନିଜର ମାନ ଇଜ୍ଜତକୁ ଅବାଧରେ ବନ୍ଦୀକରି ଦେଉଛନ୍ତି ପର ପୁରୁଷଠାରେ । ବିଭିନ୍ନ ଧର୍ମାବଲମ୍ବୀ ଲୋକଙ୍କ ରକ୍ଷିତାଭଳି ରହି

କାଳାତିପାତ କରୁଛନ୍ତି ମଧ୍ୟ । ସେଦିନ ମଧ୍ୟ କଚେରୀ ଉଠାଣି ପଡ଼ିଲା, ନେମୀ ଦୁହେଁ ତାହା ଦେଖୁଛନ୍ତି ।

ନେମୀର ଇଚ୍ଛା ହୁଏ ଯେ ତାର ଜାତି ପୁଅ ଝିଅମାନଙ୍କ ସହିତ କଥାଭାଷା ହେବାକୁ । ମାତ୍ର ସେମାନଙ୍କର ଗ୍ୟାଲଚଳନ, ଢଙ୍ଗରଙ୍ଗ ଦେଖି ସେ କହେ "ଏ ଜାତି ଆଉ ବଞ୍ଚିବ ନାହିଁ ।"

# ଏଗାର

ଜମି ଗୃଷ କପର ହେବ ହାକମ ତାର ବନ୍ଦୋବସ୍ତ କର ସରପଞ୍ଚ ମାରେ ଦେଇଛନ୍ତି । ଧାନମଲାର ହୁକୁମ ଦେଇଥିଲେ ମଧ୍ୟ ଧାନ ମଲା ନ ହୋଇ ଶ୍ରାବଣମାସ ବର୍ଷାରେ ଗଜା ହେଲାଣି । ଜମି ପଡ଼ିଆ ପଡ଼ିଛି । ଅନ୍ୟଆଡ଼େ ାଖପାଖ ଜମିରେ ଚଷାମାନେ ସୁନ୍ଦର କ୍ଷେତ ପ୍ରସ୍ତୁତ କଲେଣି । ପହଲ ନମୀ ଖ୍ରାମବାବୁଙ୍କ ସାହାଯ୍ୟରେ କଚେରି ଧାଇଁ ଧାଇଁ ବେଦମ ହେଲେଣି । ାକ୍ତର ସାର୍ଟିଫିକେଟ, ଓକାଲ ବେରାମ ପର୍ଯ୍ୟନ୍ତ ଲେଖା ହୋଇ ସମସ୍ତ ଆ ହେଉଛି । ମୂଳ କଥା, ଏବର୍ଷ ଫସଲ ନ ପାଇଲେ ପହଲ ଗ୍ରାଁ ଲାଇବ । ତାହା ଗୋଟିଏ କୌଶଳ ମଧ୍ୟ ।

ଖ୍ରାମବାବୁ ପହଲକୁ ନେଇ ଦିନେ ଡିଗ୍ରୀଜାର ହାକମଠାରେ ଛଡ଼ା ାଇ ଓକାଲବାବୁ ଦେଇ ଲଢିଲେ । କ ବଚତ୍ର କଥା, ଜଣେ ଜମାଦାର-ରୁ ମାଲ ଆଦାୟ ହେଉ ନାହିଁ ଶୁଣି ହାକମବାବୁ ନଥି ମଗାଇ ତନ୍ନ ତନ୍ନ ପଢିଲେ, ଏପର ହୋଇ ଥିବାର ଦେଖି ବିସ୍ମୟ ମଧ୍ୟ ପ୍ରକାଶ କଲେ । ାପରେ କହଲେ ଯେ "ତୁମ୍ଭେମାନେ ଆଉ ପନ୍ଦର ଦିନ ପରେ ଆସ, ମୁଁ ୁ ଠିକ କରି ଦେଇଥିବ ।"

ପହଲ ଓ ନେମୀ, ଖ୍ରାମ ପଞ୍ଚାଏତକୁ ଘେନ ପୁଣିଥରେ ଆସିଲେ କମ ସାମନାକୁ । ହାକମ ପୁଣି ନଥି ମଗାଇ ଦେଖି କହଲେ ଯେ

"ଡିସଟ୍ରେସ ଓ୍ୱାରଣ୍ଟ ପଠାଇଥିଲି, ମାତ୍ର ଜାରି ହୋଇ ପାରୁନାହିଁ, ପୁଲିସ ତାହା ଜାରି କରିବାର କଥା ।"

ଏତିକ ଶୁଣି ପହିଲି ଓ ନେମୀର ଭରସା ଆଉ କୁଲେଇଲି ନାହିଁ । ସେମାନେ କଚିହରିରୁ ବାହାରି ଆସି ଖ୍ରୀମ ପଞ୍ଚାଏତର ଗୋଡ଼ ଧରି ପକାଇ ଭୋ, ଭୋ ହୋଇ କାନ୍ଦି ପକାଇଲେ । ଧାନ ଜମି ଗଲା, ଉତ୍ପନ୍ନ ଫସଲ ଗଲା, ଶେଷରେ ଗୋରୁ ମହିଷି ଥିଲେ କିଛି କରିପାରି ହୁଅନ୍ତା, ତାହା ମଧ୍ୟ ଆଉ ପାଇବାର ଆଶାନାହିଁ । ତେଣୁ ଆମକୁ ବିଦାୟ ଦିଅନ୍ତୁ ବୋଲି କହି ପୁଣି ଥରେ ଖ୍ରୀମ ଗୋଡ଼ ଧରି ବିଦାୟ ନେଇ ଏକମୁହାଁ ହୋଇ ଫେରି ପଡ଼ିବାରେ, ଖ୍ରୀମ ପଞ୍ଚାଏତ ସେ ଦୁହିଙ୍କୁ ତାରି ଘରେ ରଖି ମୋକଦ୍ଦମା ଚଳାଇବାକୁ କହିଲା । ମାତ୍ର ଦୁଇଜଣ ଯାକ ସେଥିରେ ରାଜି ନ ହୋଇ କହିଲେ "ଖ୍ରୀମବାବୁ, ଆମକୁ ଆଉ ରକ୍ଷା କରିବାର ଚେଷ୍ଟା କରନାହିଁ, ଆମ ବାପମାନେ ଯେଉଁ କୋଡ଼ି କୋଦାଳ ଘେନି ପାହାଡ଼ିଆ ରାଇଜରୁ ଆସିଥିଲେ ଏ ସ୍ଥାନକୁ , ଆମେ ଆଜି ସେହିଠାକୁ ଚାଲିଲୁଁ ।

ଖ୍ରୀମର ଗୋଡ଼ ହାତ ନିସ୍ତେଜ ହୋଇପଡ଼ିଲା । ମୁହଁରୁ ଭାଷା ବାହାରିଲା ନାହିଁ, ସେହି ପରିବାରଙ୍କୁ କିଛି କହିବାକୁ । ସେ ଏମାନଙ୍କୁ ରକ୍ଷା କରିପାରି ନ ଥିବାରୁ ନିଜକୁ ମନେ ମନେ ଧିକ୍‌କାର ଦେଲା । ତତ୍‌କ୍ଷଣାତ୍ ତାର ମନରେ ଗୋଟିଏ ପରିବର୍ତ୍ତନ ଆସିଲା । ସେହିଦିନଠାରୁ ସେ ମଧ୍ୟ ଉତ୍ପିଡ଼କ, ପ୍ରତାପଶାଳୀ, ମାମଲତଖୋର, ବଡ଼ଲୋକ, ଜମି ମାଲିକ ବିରୁଦ୍ଧରେ ଛିଡ଼ା ହେବା ନିମନ୍ତେ ପ୍ରତିଜ୍ଞା କଲା । ସେମାନଙ୍କର କୁଟିଳ ମତି, ଫନ୍ଦି-ଫିକର ସମାଜକୁ ତିଳେ ତିଳେ ଗ୍ରାସ କରୁଥିବାର ସେ ପ୍ରତ୍ୟକ୍ଷ ଦେଖିପାରିଛି । ଆଉ ସେ ଦେଖିଛି ଯେ, ଏହି ରକ୍ଷଣଶୀଳ ଆଇନ କାନୁନ କେବେହେଁ, ଗରିବ ଚାଷୀ, କିମ୍ବା ସରଳପ୍ରାଣ ଲୋକଙ୍କୁ ରକ୍ଷା କରିପାରିବ ନାହିଁ । ତେଣୁ ସେ ଏହି ପ୍ରତିକ୍ରିୟାଶୀଳ ଲୋକ, ଓ ରକ୍ଷଣଶୀଳ ଆଇନକୁ ଉପେକ୍ଷା କରି ଏକ ବିପ୍ଳବୀ ହୋଇ ପଡ଼ିଲା । ସେହିଦିନଠାରୁ କେହିଆଉ ତାହାକୁ କେବେହେଁ କଚିହରି ଦରଜା ମାଡ଼ିବାର ଦେଖି ନାହାନ୍ତି ।

ଷାଠିଏ —

ସେ ଆଜି ବିପ୍ଳବର ବହ୍ନି ଜାଳିବାକୁ ଚାହେଁ ଗ୍ରାମେ ଗ୍ରାମେ । ସେ ଚାହେଁ ଲଙ୍ଗଳରେ ଯେ ଚାଷ କରିବ ଜମି ତାର ହେଉ; ଗ୍ରାମରେ ନ୍ୟାୟ-ବନ୍ତ ଲୋକେ ପଞ୍ଚାୟତର ସଭ୍ୟ ହୁଅନ୍ତୁ । ପଞ୍ଚାୟତ ନ୍ୟାୟ କରୁ. ସମାଜ ଗଢ଼ୁ । ପଞ୍ଚାୟତ ଟାଉଟର ମାମଲାବାଜ ଲୋକ ହାତରେ ନ ପଡ଼ୁ । ଏହି ହୋଇଛି ତାର ବର୍ତ୍ତମାନ କାମର ମୂଳମନ୍ତ୍ର ।

# ବାର

ନେମୀ, ପହଲ୍ଲ ଗ୍ରାମ ପଞ୍ଚାଏତଠାରୁ ବିଦାୟ ନେଇ ଚାଲିଲେ ନିଜର କର୍ମଆଦର ସେହିଠାକୁ, ଯେଉଁଠାରୁ ସେମାନଙ୍କର ପିତାମାନେ ଆସିଥିଲେ । ଜଙ୍ଗଲ, ପର୍ବତ ବହୁତ ବାଟ ସେମାନଙ୍କୁ ଅତିକ୍ରମ କରିବାକୁ ହେବ । ସେମାନଙ୍କର ହାତରେ ଗୋଟେ ପଇସା ନାହିଁ ଗଣ୍ଡାଏ କିଛି କିଣି ଖାଇବାକୁ । ଦିନ ନଇଁ ଆସିଲାଣି । ଚାଲିଛନ୍ତି ଦୁଇ ଜଣ ସମସ୍ତ ଜୀବନର ଅଭିଜ୍ଞତା ନେଇ ବଡ଼ ରାସ୍ତା ଉପରେ । ଅଦୂରେ ଗୋଟିଏ ଜଙ୍ଗଲ, ତାକୁ ଅତିକ୍ରମ କରି କିଛି ଦୂର ଗଲାପରେ ଗୋଟିଏ ବସ୍ତି ପଡ଼ିବାର ସମ୍ଭାବନା । ଘଣ୍ଟାକ ପରେ ଘଣ୍ଟେ ଟ୍ରକଗାଡ଼ି ଚାଲିଛି, କଳା ବଜାର ଧାନ ଭର୍ତ୍ତି କରି ଏକ ପ୍ରଦେଶ ପ୍ରାନ୍ତରୁ ଅନ୍ୟ ପ୍ରଦେଶ ଆଦ୍ୟରେ ପହଞ୍ଚାଇବାକୁ । ବାଟରେ ଗୋଟେ ଦୁଇଟା କରି ପୋଲିସ ଥାନା, ସପ୍ଲାଇବାବୁଙ୍କର ଆଡ଼ଡ଼ା ମଧ୍ୟ ଅଛି । କେତେ ଯାଉଛନ୍ତି ଟ୍ରକବାଲାମାନେ, ଆଉ ମଧ୍ୟ କେତେକ ଖାଲି ଟ୍ରକ ଧେନି ଫେରୁଛନ୍ତି ।

ନେମୀ, ପହଲ ଏପରି ଭାବରେ ଭଗ୍ନପ୍ରାଣ ଓ ଉତ୍ସାହହୀନ ହୋଇ ପଡ଼ିଥିଲେ ଯେ, ସେମାନେ ଆଉ କୌଣସି ବସ୍ତିରେ ନିଜର ମୁହଁ ଦେଖାଇ-ବାକୁ ମଧ୍ୟ ଚାହୁଁ ନଥିଲେ । ସତେ ଯେପରି ସେମାନେ ମର୍ମାହତ ହୋଇ ସର୍ବହରା ହୋଇ ପଡ଼ିଛନ୍ତି ।

ରାତି ଦୁଇ ତିନ ଘଡ଼ି ହୋଇଗଲାଣି । ବସ୍ତିରେ ପହଞ୍ଚିବାକୁ ଆହୁରି କିଛି ସମୟ ଲାଗିବ । ପହଲ ରାସ୍ତାକଡ଼ରେ ଗଛମାଳ ଦେଖି ନିଜର ବାଡ଼

ଖଣ୍ଡିକ ଥୋଇ ଦେଇ ବସି ପଡ଼ିଲା । ନିସ୍ତେଜ, ଏତେ ବଡ଼ ଯୁଆନ ଆଜି ଶକ୍ତିହୀନ ହୋଇ ପଡ଼ିଛି । ନେମୀ ଖଣ୍ଡିଏ ଲୁଗା ପକାଇ ଦେଲା, ଶୋଇ ପଡ଼ିଲା ପହଲା ଲଥ୍‌କରି ସେହି ଲୁଗା ଉପରେ ।

ସମସ୍ତ ଦିନ ପଥଚଲା, ପେଟପୂରା ଖାଦ୍ୟାଭାବ ବାଧିଥିଲା ପହଲାକୁ । ନେମୀ ବରାବର ପହଲାର ଖାଇବା ବିଷୟରେ ଯତ୍ନ ନେଇଥାଏ । ସେ ବୁଝି ପାରିଲା ଯେ ତାର ସ୍ୱାମୀର ଅବସ୍ଥା କେବଳ ଖାଦ୍ୟ ଯୋଗୁଁ ଏପରି ହୋଇପଡ଼ିଛି । ନାରୀ ସେ, ସ୍ୱାମୀର ମନର ଖବର ରଖିବା ତାର କର୍ତ୍ତବ୍ୟ । ସେ ଦେଖିଲା, ତାର ଗାଣ୍ଠିଆରେ ଗୋଟେ ବୋଲି ପଇସା ନାହିଁ । ସମ୍ବଳ ମଧ୍ୟରେ କେବଳ ପିନ୍ଧା କାନରେ ଚାରି ଅଣି ଓ ଗୋଡ଼ର ପାହୁଡ଼, ହାତର ବଳା । ତାର ଖିଆଲ ନଥିଲା ଯେ ଗୋଟିଏ ସୁକିକା ସେ ଲୁଗା କାନିରେ ବାନ୍ଧି ରଖିଛି ବୋଲି ।

ଅନ୍ଧକାର ମେଘୁଆ ରାତି, ସ୍ୱାମୀ ତାର କ୍ଷୁଧା ଜ୍ୱାଳାରେ ଛଟପଟ କରୁଅଛି । ତାର ଦେହ ଆଉ ସହୁଲା ନାହିଁ । ତା' ଠାରେ ଚାରିଅଣା ପଇସା, ଗୋଡ଼ର ପାହୁଡ଼ ଓ ହାତର ବଳା ଥିବାଯାକେ ତାର ସ୍ୱାମୀ, ତା ସମ୍ମୁଖରେ ଉପବାସରେ ଶୋଇବ ଏହା ତାର ସହ୍ୟ ହେଲା ନାହିଁ । ସେ ଦେଖିଲା କିଛି ଦୂରରେ ଆଲୋକମାନ ଦେଖା ଯାଉଅଛି । ନିଶ୍ଚୟ ହାଟ କିମ୍ବା ଦୋକାନ ଥିବ ଭାବି ସେ ସେଠାକୁ ଯାଇ କିଛି ଖାଦ୍ୟଦ୍ରବ୍ୟ ଯୋଗାଡ଼ କରିବା ପାଇଁ ବାହାରି ପଡ଼ିଲା । ସ୍ୱାମୀଠାରୁ କିଛି ହାତ ବାଟ ଛାଡ଼ି ଚାଲି ଯାଇଛି, ଦେଖିଲା ଯେ ଗୋଟେ ଟ୍ରକ ପେଁ ପେଁ କରି ଶବ୍ଦ ଦେଇ, ଆଗକୁ ଆଲୁଅ ଭୁଣି ଚାଲିଛି ତା'ର ଆଡ଼କୁ । ନେମୀ ଉପରେ ଆଲୁଅ ପଡ଼ିବାରୁ ସେ କଡ଼ ହୋଇଗଲା ମଟର ବାଲକୁ ନିଜ ରାସ୍ତାରେ ଚାଲି ଯିବାପାଇଁ, କିନ୍ତୁ ତାର ସମ୍ମୁଖରୁ ଆସୁଥିବା ମଟରଟି କ୍ରମେ ନିଜର ଗତି ଧୀର କରି ହଠାତ୍ ତାହାର କଡ଼କୁ ଭିଡ଼ି ଛିଡ଼ା ହୋଇଗଲା । ତତ୍‌କ୍ଷଣାତ୍ ଏକ ଦୀର୍ଘ ପଞ୍ଜାବୀ ଡ୍ରାଇଭର ବାହାରି ଆସିଲା ନେମୀ ସମ୍ମୁଖକୁ । ନେମୀ କୌଣସି କିଛି ନ ଭାବି ପାଦ ପକାଇ ଚାଲିବାର ଚେଷ୍ଟା କଲା ଆଗକୁ ମାତ୍ର ଡ୍ରାଇଭର ତାର ଗତି ରୁନ୍ଧି

ଆଇନ ଅନୁସାରେ ପୋଲିସବାବୁଙ୍କ ଲେଖାରେ ସେ ଆହତ ବ୍ୟକ୍ତିକୁ ମାଇନା କରିବା କଥା, ମାତ୍ର ସମାଜରେ ସମସ୍ତେ ଯେପରି ନୂଆ ଭାବନାରେ ପରିଚାଳିତ ଯେ, ଅଳ୍ପ କାମକରି ବେଶୀ ମାରିନେବା, ସେ ମଧ୍ୟ ସେହିପରି ଉଠିଆସି ଆହତ ବ୍ୟକ୍ତିଙ୍କୁ ଦେଖିବେ କିମ୍ବା ଆହତ ବ୍ୟକ୍ତିଙ୍କର କୌଣସି ଲୋକ ଆସି ବାବୁଙ୍କୁ ତୋଷାମଦ କରି କିଛି ଅଣ୍ଟାଗୁଞ୍ଜା ଦେଇ ନେଇ ଯିବେ, ସେ ତାହା କଳ୍ପନା ମଧ୍ୟରେ ରଖି ମଠମଠ କରିବାରେ ଲାଗିଲେ । ପୋଲିସବାବୁମାନେ ଇତି ମଧ୍ୟରେ ସାଷ୍ଟ୍ର'ମ କରି ଆହତ ବ୍ୟକ୍ତିଠାରୁ କଥା ନେବାର ଚେଷ୍ଟା କରୁଛନ୍ତି । ଯେତେବେଳେ ଡାକ୍ତର ଦେଖିଲେ ଯେ ଅନେକ ବେଳ ହୋଇଗଲା କେହି ଆସିଲେ ନାହିଁ ସେ ନିଜର ପୋଷାକ ପିନ୍ଧି ବାହାରି ପଡ଼ିଲେ ଆହତବ୍ୟକ୍ତି ଦେଖିବାକୁ ।

ପୋଲିସବାବୁମାନେ ଡାକ୍ତରକୁ ସମ୍ମୁଖରେ ଦେଖି କ'ଣ ହୋଇଛି ବୋଲି ପଚାରି ବୁଝିଲେ । ଡାକ୍ତର ଦେଖିଲା ପଞ୍ଜାବୀ ଯୁବକର ମୁଣ୍ଡରେ ପ୍ରହାର ବାଜି ସମସ୍ତ ପଗଡ଼ି ରକ୍ତରେ ଭିଜି ଯାଇଛି । ତାହାକୁ ମୃତ୍ୟୁକାଳୀନ ଜବାନବନ୍ଦି ନେବାପାଇଁ ଉପଦେଶ ଦେଲେ ।

ଲାଠିରେ ମାଡ଼ ହୋଇଥିବାର ଶୁଣି ପୋଲିସବାବୁ ପହିଲାଠାରେ ଥିବା ଲାଠିକୁ ଜବଦ କରି ପକାଇଲେ । ଯାହା ଆହତବ୍ୟକ୍ତି ମୁହଁରୁ ଶୁଣିଲେ ତାହାକୁ ଏତଲା ନେଇ ସେ ଆହତବ୍ୟକ୍ତିଙ୍କୁ ବଡ଼ଡାକ୍ତରଖାନାକୁ ସେହି ମଟରରେ ପଠାଇ ଦେଲେ । ଆହତ ବ୍ୟକ୍ତିସହ ଓ୍ୱାରେଣ୍ଟ ନେଇ ଜଣେ ସିପାହି ମଧ୍ୟ ଗଲା ।

## ତେର

ଜୀବନରେ ଜୁଆର ଓ ଭଟ୍ଟା ପ୍ରତ୍ୟେକଲୋକର ଲାଗିଛି । ଆଜି ଯେଉଁ ଘଟଣା ଚକ୍ରରେ ସ୍ୱାମୀ ସ୍ତ୍ରୀ ପଡ଼ିଛନ୍ତି ତାହା ସେମାନଙ୍କୁ ବିବ୍ରତ କରି ପକାଇଛି । ମାତ୍ର, ଆଇନ ଚକ୍ଷୁରେ ସତ୍ୟ ମିଥ୍ୟାର ପ୍ରମାଣ ଅଦାଲତରେ । କେତେକ କ୍ଷେତ୍ରରେ ନିର୍ଦ୍ଦୋଷ ଦଣ୍ଡ ପାଉଛନ୍ତି, ଦୋଷୀ ଖଲାସ ହେଉଛି । ଆଇନର ମର୍ମଯେ ଦୋଷୀ ଖଲାସ ହେଉ ପଛକେ ନିର୍ଦ୍ଦୋଷ ଦଣ୍ଡ ନ ପାଉ । ତାହାପୁଣି ସାକ୍ଷୀମାନଙ୍କର ଜମାନବନ୍ଦୀ ଓ ଓକିଲଙ୍କର କାରସାଦି ଉପରେ ନିର୍ଭର କରେ । ବେଶି ଅଂଶ ନିର୍ଭର କରେ ଆମର ପୋଲିସବାବୁଙ୍କର ସତ୍ୟ ମିଥ୍ୟା ରିପୋର୍ଟ ଓ ତଦାରଖ ଉପରେ ।

ବର୍ତ୍ତମାନ ପୋଲିସବାବୁମାନେ ହାତେ ହାତେ ଦୋଷୀ ଓ ପ୍ରମାଣ ପାଇ ଯାଉଛନ୍ତି । କିଛି ଆଉ ଅନୁସନ୍ଧାନ କରି ତଦାରଖ କରିବାର ଅବକାଶ ନାହିଁ । ଯେଉଁ ଲୋକ ଧରା ହୋଇ ଆସିଛନ୍ତି ତାଙ୍କର ମଧ୍ୟ ଲଢ଼ିବାର ଲୋକ ନାହିଁ । ସେତ ପୁଣି ଏକ ଅପୂର୍ବ ସୁଯୋଗ । ହଠାତ୍ ପୋଲିସ ଦାରୋଗାବାବୁ ଦୁଇ ଜଣଙ୍କୁ ଲକ୍ଷ୍ୟ କରି କହି ଉଠିଲେ "ଶଳା, ଶାଳୀ ରାତିରେ ଡକାଇତି କରୁଥିଲ ନା ? ଦେ ଭରି ଦେ ଏଇ ଦୁଇ ଜଣଙ୍କୁ ଲୁହା ଫାଟକ ଦିଆ ଘର ମଧ୍ୟରେ ।"

ଏତକ କହିଲାକ୍ଷଣି ଦୁଇଜଣ ସିପାହି ଧାଇଁ ଆସିଲେ ଗର୍ଜନ କରି "ଶଳା, ଶାଳୀ ଆଜି ରୁହ ଏଇଠି, କାଲି ମାମୁ ଘର ଭାତ ଖାଇବ । ତୁମ

ପାଇଁ ଫାଶୀକାଠ ଠିକ୍ ହେଲାଣି ।" ଏତକ କହି ଧକା ଦେଇ ଭର୍ତ୍ତି କରି ଦେଲେ ଗାରଦ ମଧ୍ୟରେ ।

କିଛିକ୍ଷଣ ପୂର୍ବରୁ ଯେଉଁ ଦୁଇଟି ଜୀବନ ଆକାଶର ବିହଙ୍ଗ ବିହଙ୍ଗୀ ଭଳି ଉଡ଼ିବୁଲୁଥିଲେ, ସେହିମାନେ ଆଜି ଲୁହା ପଞ୍ଜୁରିରେ ବନ୍ଦୀ । ସେ ଦୁଇ ପ୍ରାଣୀ ଭାବି ନଥିଲେ ଯେ ସେମାନେ ବନ୍ଦୀ ହେବେ । ଦାରୋଗା ବାବୁ ସବୁ ବୁଝିବେ, ନ୍ୟାୟ ଦେବେ । ମାତ୍ର ତାହା ହୋଇ ପାରିଲା ନାହିଁ ନେମୀ ଭାବିଥିଲା ଯେ, ସେ ନିଜର ସ୍ୱାମୀ ସହ ତାହାର ପିତୃ ପିତାମହଙ୍କ ବାସସ୍ଥାନକୁ ଫେରି ଯାଇ, ନିଜକୁ ଏହି ନର୍କକୂପ ସହରର ସଭ୍ୟତାରୁ ଦୂରେଇ ରଖିବ, ତାହା ହୋଇ ପାରିଲା ନାହିଁ । ତାହା ଆଜି ସ୍ୱପ୍ନରେ ପରିଣତ ହୋଇଗଲା ।

ସ୍ୱାମୀ ସ୍ତ୍ରୀ ଦୁହେଁ କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲେ । ଶେଷରେ ପହିଲା ଦାରୋଗାବାବୁଙ୍କୁ ନିଜକଥା କହିବାକୁ ଥରେ ଡାକିଲା । ମାତ୍ର ଜବାବ ମିଳିଲା "ଚୁପ୍ ରହ" । ସମସ୍ତ ଦିନ ଉପବାସ, ପଥଶ୍ରାନ୍ତ, ଶେଷରେ କାଳର କୂଟଚକ୍ରରେ କାରାଗାର ଅପେକ୍ଷାରେ ।

ସମସ୍ତେ ଥାନାରୁ ଚାଲି ଯାଇଛନ୍ତି, ଅଛନ୍ତି କେବଳ ଦୁଇଟି ସିପାହି । ରାତିର ନିଶାର ଝାଁଇଁ ଝାଁଇଁ ଶବ୍ଦକୁ ଭାଙ୍ଗି ଦେଉଥାଏ ସମୟ ସମୟରେ ନିଶାଚରମାନଙ୍କର ଶବ୍ଦ । ଆଉ ମଝିରେ ମଝିରେ ଏହି ସିପାହିମାନେ ଅତି କର୍କଶ ସ୍ୱରରେ ଚିତ୍କାର କରି ନିଜର ତନ୍ଦ୍ରାକୁ ଦୂର କରୁଥାନ୍ତି ଆଉ ତା ସାଙ୍ଗକୁ ରାତିର ନୀରବତାକୁ ଭଙ୍ଗ କରୁଥାଏ ସିପାହିମାନଙ୍କର ବୁଟ ଯୋତାର ମଚ, ମାଚ ଓ ଠକ ଠାକ ଶବ୍ଦ ।

ଗ୍ଲଣି ଚକ୍ଷୁର ପଲକ ନଥାଏ ଏ ଅନ୍ଧକାର କୋଠରୀ ମଧ୍ୟରେ । ରାସ୍ତାର ସେହି ଚିତ୍ର ପହିଲାର ମନକୁ ଆଲୋଡ଼ନ କରୁଥାଏ । ସେ ଦେଖୁଥାଏ ଯେ ଭୀଷଣ ଆକୃତି, ଡ୍ରାଇଭର ଓ ସିପାହିମାନଙ୍କର କଟାକ୍ଷପାତ ତାର ନେମୀ ପ୍ରତି । କିଛିକ୍ଷଣ ଚିନ୍ତା କଲାପରେ ପହିଲାର ଆଖିରେ ନିଦ୍ରା ଘୋଟିଗଲା ।

କିନ୍ତୁ ସେ ଦେଖି ବୁଝିଲା ଯେ ସମସ୍ତ ସିପାହୀ ଏକଯୋଗ ହୋଇ ନେମୀର ପ୍ରଣୟ ଭିକ୍ଷା କରୁଛନ୍ତି । ନେମୀ ତାହା ପ୍ରତ୍ୟାଖ୍ୟାନ କରିବାରୁ ନେମୀ ପ୍ରତି ଅକଥନୀୟ ଅତ୍ୟାଚାର ଆରମ୍ଭ କରିଛନ୍ତି । ଆଜି ତାର ପ୍ରାଣର ନେମୀ ଅସହାୟା ଅବସ୍ଥାରେ ତା ପ୍ରତି ଦୃଷ୍ଟିପାତ କରି, ତାହାର ସାହାଯ୍ୟ ପାଇବା ପାଇଁ ଚିତ୍କାର କରି ଉଠୁଛି । ପହ୍ଲଲର ଆଉ ଧୈର୍ଯ୍ୟ ରହିଲା ନାହିଁ । ପହ୍ଲଲ ଧାଇଁଛି ଦୁର୍ବୃତ୍ତମାନଙ୍କ କବଳରୁ ନେମୀକୁ ଉଦ୍ଧାର କରି ପିଶାଚମାନଙ୍କୁ ଉଚିତ୍ ଶିକ୍ଷାଦେବ ।

ହଠାତ୍ ସ୍ୱପ୍ନ ଭାଙ୍ଗିଗଲା । ଚକ୍ଷୁ ଖୋଲି ଦେଖିଲା—ସେହି ଲୁହାର କବାଟ ଫାଙ୍କରେ ବାଳ ସୂର୍ଯ୍ୟ କିରଣ ସେମାନଙ୍କ ଉପରେ ବୃଷ୍ଟି ହୋଇ ପଡ଼ୁଛି । ଆଜି ତାର ଜୀବନର ନେମୀ ଅର୍ଦ୍ଧଶୟନା ଅବସ୍ଥାରେ ତାର କୋଳରେ ମୁଣ୍ଡ ରଖି ଆଖିର ଲୁହରେ ପହ୍ଲଲର କୋଳକୁ ଭିଜାଇ ଦେଉଅଛି ।

* ସମାପ୍ତ *

Printed by Brajanath Rath, at Rajashree Press
Balasore—1959.

ଆକର୍ଷଣୀୟ ଏବଂ ସଂଗ୍ରହଣୀୟ

## ଶ୍ରୀ ଯଦୁନାଥ ଦାଶ ମହାପାତ୍ରଙ୍କ ଲିଖିତ

ପ୍ରତ୍ୟେକ ହାଇସ୍କୁଲ ଓ ମାଇନର ସ୍କୁଲରେ ଅଭିନୀତ ହେବାଭଳି

## କିଶୋର ନାଟକ

# 'ପରଶମଣି'

ମୂଲ୍ୟ—ଏକଟଙ୍କା ପଚଶ ନୂଆ ପଇସା ମାତ୍ର

ପ୍ରାପ୍ତିସ୍ଥାନ—ରାଜଶ୍ରୀ ପ୍ରେସ, ବାଲେଶ୍ୱର

ଓ

ଶାନ୍ତିନିବାସ ବାଣୀମନ୍ଦିର

ପୁରୀଘାଟ ରୋଡ଼

କଟକ—୧